ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୮ ମେ, ୨୦୨୨

**ଆତ୍ମରକ୍ଷା ତାଲିମ ଶିବିର**

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା କଲେଜରେ ଆତ୍ମସୁରକ୍ଷା ତାଲିମ ଶିବିର ଶନିବାର ଉଦ୍‌ଘାଟିତ ହୋଇଯାଇଛି। ୮ ଦିନ ଧରି ହେବାକୁ ଥିବା ଶିବିରକୁ କଲେଜ ଅଧ୍ୟକ୍ଷ ଗୋବିନ୍ଦ ସାହୁ ଉଦ୍‌ଘାଟନ କରିଥିଲେ। ଏଥିରେ ଯୁକ୍ତଦୁଇ ପ୍ରଥମବର୍ଷର ୧ଶହ ଛାତ୍ରୀ ତାଲିମ ନେଉଛନ୍ତି। ଅଧ୍ୟାପିକା ତଥା ସଂଯୋଜକ ଦୀପାଞ୍ଜଳି ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୫ଜଣ ପ୍ରଶିକ୍ଷିକା ତାଲିମ ପ୍ରଦାନ କରୁଛନ୍ତି।



## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ସୁରକ୍ଷା କର୍ମୀ ମୃତ

**ଲହୁଣୀପଡା,୭।୫(ଡି.ଏନ.ଏ):** ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ସଶ୍ୟକଳା ପଞ୍ଚାୟତର ବରସୁଆଁ ରେଲୱେ ସାଇଡ଼ିଂ ନିକଟରେ ଶନିବାର ଅପରାହ୍ନ ୨ଟା ବେଳେ ଏକ ଟ୍ରକ୍ ପଛୁଆ ଧକ୍କା ଦେବାରୁ ଜଣେ ସୁରକ୍ଷା କର୍ମୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବିଏନ୍ଆର କମ୍ପାନୀର ସୁରକ୍ଷା କର୍ମୀ ଅର୍ଜୁନ ସିଂ (୬୦) ଏବଂ ତାଙ୍କ ଘର ବିହାର ଛପରା ଜିଲା ହରିଗଞ୍ଜ ଥାନା ଅନ୍ତର୍ଗତ ଚାନ୍ଦେଲ ତୋଲ ନିକଟସ୍ଥ ଡୁମୁରି ଗ୍ରାମରେ ବୋଲି ଜଣାପଡିଛି। ଟେନସା ଫାଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଲହୁଣୀପଡା ଡାକ୍ତରଖାନାକୁ ପଠାଇ ତଦନ୍ତ କରୁଛି। ସୂଚନା ଅନୁସାରେ, ଶନିବାର ବରସୁଆଁ ରେଲୱେ ସାଇଡିଂ ନିକଟରେ ଗାଡିଗୁଡିକ ଜାମ୍ ହୋଇଥିଲା। ସୁରକ୍ଷା କର୍ମୀ ଅର୍ଜୁନ ସିଂ (୬୦) ଜାମ୍ ହଟାଉଥିବା ବେଳେ ଏକ ଟ୍ରକ୍ (ନଂ.ଓଡି୧୪ୟୁ/୫୭୦୦) ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ସୁରକ୍ଷା କର୍ମୀ ଜଣକ ତଳେ ପଡିଯିବାରୁ ଟ୍ରକ୍ ତାଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଅର୍ଜୁନ ପ୍ରାୟ ଦୁଇବର୍ଷ ହେବ ବରସୁଆଁ ସ୍ଥିତ ବିଏନ୍ଆର କମ୍ପାନୀରେ ସୁରକ୍ଷା କର୍ମୀ ଭାବେ କାର୍ଯ୍ୟ କରୁଥିଲେ।

### ୬ ଚାଳକ ଗିରଫ, ୬ ଗାଡ଼ି ଜବତ

**ଲହୁଣୀପଡା,୭।୫(ଡି.ଏନ.ଏ):** ସୁନ୍ଦରଗଡ ଜିଲା ଚାନ୍ଦିପୋଷ ପୋଲିସ ଓ ଆର୍‌ଟିଓର ମିଳିତ ଯାଞ୍ଚ କରାଯାଇଛି। ଯାଞ୍ଚ ବେଳେ ୬ଟି ଗାଡିକୁ ଜବତ ସହିତ ୬ ଜଣ ମଦ୍ୟପ ଚାଳକଙ୍କୁ ଗିରଫ କରାଯାଇଛି। ସେମାନଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ଚାନ୍ଦିପୋଷ ଥାନା ଅନ୍ତର୍ଗତ ୧୪୩ ନଂ. ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ରାଉରକେଲା ଚାନ୍ଦିପୋଷ ଥାନାଧିକାରୀ ରାଜେଶ କୁମାର ନାୟକ ଓ ରାଉରକେଲା ଆର୍‌ଟିଓ ବିଶ୍ୱଜିତ ବେହେରାଙ୍କ ନେତୃତ୍ୱରେ ଶୁକ୍ରବାର ରାତିରେ ଗାଡି ଯାଞ୍ଚ କରାଯାଇଥିଲା। ଏହି ସମୟରେ ତିନୋଟି ଟ୍ରକ୍ ଜଣେ ଲେଖାଏଁ ଅଟୋ, କାର୍ ଓ ପିକଅପ୍ ଭ୍ୟାନ୍ ଚାଳକ ମଦ୍ୟପାନ କରି ଗାଡି ଚାଳନା କରୁଥିବା ଜଣାପଡିଥିଲା। ଫଳରେ ଉକ୍ତ ୬ଟି ଗାଡିକୁ ଜବତ ସହିତ ୬ ଜଣ ଚାଳକଙ୍କ ବିରୋଧରେ ମାମଲା ରୁଜୁ ହୋଇଛି।

### ଗଞ୍ଜେଇ ଚୋରାଚାଲାଣ: ୨ ଗିରଫ

**ରାଉରକେଲା ଅଫିସ,୭।୫:** ରାଉରକେଲା ନୂଆ ବସ୍‌ଷ୍ଟାଣ୍ଡରେ ଗଞ୍ଜେଇ ଚୋରାଚାଲାଣ ବେଳେ ପ୍ଲାଣ୍ଟସାଇଟ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କୋରାପୁଟ ଜିଲା ମାଛକୁଣ୍ଡ ଅଞ୍ଚଳର ଦୀପ ଶିଶା ଓ ରଘୁରାମ କିଷାନି। ଉଭୟଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ସେମାନଙ୍କଠାରୁ ପୋଲିସ ୨୨ କେଜି ୯ଶହ ଗ୍ରାମ ଗଞ୍ଜେଇ ପୂର୍ଣ୍ଣ ୩ଟି ବ୍ୟାଗକୁ ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୬୪।୨୨) ରୁଜୁ ହୋଇଛି।

### ଜିଲା ପରିଷଦ ସଦସ୍ୟଙ୍କ ବଡ଼ଗାଁ ଯୁକ୍ତ ୨ କଲେଜ ପରିଦର୍ଶନ

**ବଡ଼ଗାଁ, ୭।୫(ଡି.ଏନ.ଏ.):** ସୁନ୍ଦରଗଡ ଜିଲା ବଡ଼ଗାଁ 'କ' ଜୋନ୍ ଜିଲା ପରିଷଦ ସଦସ୍ୟ ଅମୀୟ କୁମାର ପ୍ରଧାନ ଶନିବାର ବଡ଼ଗାଁ ପଞ୍ଚାୟତ ସମିତି ଯୁକ୍ତ ଦୁଇ କଲେଜ ପରିଦର୍ଶନ କରିଛନ୍ତି। ସେ କଲେଜ ପରିସର ବୁଲି ଦେଖିବା ସହିତ ଅଧକ୍ଷ ସୁଶାନ୍ତ କୁମାର ଚୌଧୁରୀ, ଅଧାପିକା ଅଧାପକ ଓ କର୍ମଚାରୀଙ୍କ ସହିତ ଅନୁଷ୍ଠାନର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥଲେ। ଏହାସହ କଲେଜରେ ପାଠପଢା ଓ ଶୃଙ୍ଖଳା ଉପରେ ସେ ଅଧକ୍ଷଙ୍କୁ ପଚାରି ବୁଝିଥିଲେ। କର୍ମଚାରୀମାନେ ତାଙ୍କୁ ଅସମ୍ପୂର୍ଣ୍ଣ ଭିତ୍ତିଭୂମି ବିଷୟରେ ଜଣାଇଥିଲେ। ଯୁକ୍ତ ଦୁଇ କଲେଜର ଭିତ୍ତିଭୂମି ବିକାଶ ଜିଲା ପରିଷଦ ପରିସରଭୁକ୍ତ ହୋଇଥିବାରୁ ଅସମ୍ପୂର୍ଣ୍ଣ ଭିତ୍ତିଭୂମିକୁ ସମ୍ପୂର୍ଣ୍ଣ କରିବା ତଥା ଅନୁଷ୍ଠାନର ବିକାଶ ପାଇଁ ସହାୟତା ପ୍ରଦାନ କରିବେ ବୋଲି ପ୍ରଧାନ ପ୍ରତିଶ୍ରୁତି ଦେଇଥିଲେ।

### ନର୍ଲା ପୋଲିସ ପକ୍ଷରୁ ଯାନବାହନ ଯାଞ୍ଚ

**ନର୍ଲା,୭।୫ (ଡି.ଏନ୍.ଏ.):** କଳାହାଣ୍ଡି ଜିଲା ନର୍ଲା ଥାନା ପୋଲିସ ପକ୍ଷରୁ ଯାନବାହନ ଯାଞ୍ଚ କଡ଼ାକଡ଼ି କରାଯାଇଛି। ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଡିଏସ୍‌ପି ସମ୍ବିତ କୁମାର ମାଝିଙ୍କ ନେତୃତ୍ୱରେ ପୋଲିସ ଟିମ୍ ଶୁକ୍ରବାର ରାତି ପ୍ରାୟ ୯ଟାରେ ନର୍ଲା ଥାନା ଓ କଲେଜ ଛକଠାରେ ଯାନବାହାନ ସହିତ ମୋଟରସାଇକେଲଗୁଡ଼ିକ ଯାଞ୍ଚ ଆରମ୍ଭ କରିଥିଲେ।

# ଚାଷୀଙ୍କୁ ମୋହରା କରି ଚାଲିଛି ଅନିୟମିତତା

**ସୁନ୍ଦରଗଡ,୭।୫(ଡି.ଏନ.ଏ)**



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

**ସୁନ୍ଦରଗଡ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ**

■ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପଦବୀକୁ ନେଇ ଟଣାଓଟରା

ସୁନ୍ଦରଗଡ଼ ଜିଲାର ଲକ୍ଷ ଲକ୍ଷ ଚାଷୀମାନଙ୍କ ଜୀବନ ଜୀବିକାର ଏକ ନିର୍ଭରଶୀଳ ବ୍ୟାଙ୍କ ହେଉଛି ସୁନ୍ଦରଗଡ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ। ବିଭିନ୍ନ ସମୟରେ ଅନେକ ଉତ୍ଥାନ ପତନ, ବାଧାବିଘ୍ନ ଓ ପ୍ରତିବନ୍ଧକ ମଧ୍ୟରେ ଏହି ବ୍ୟାଙ୍କ ସମଗ୍ର ରାଜ୍ୟରେ ଏକ ଶ୍ରେଷ୍ଠ ସମବାୟ ବ୍ୟାଙ୍କ ମାନ୍ୟତା ଲାଭ କରିଥିବାବେଳେ ବର୍ତ୍ତମାନ ଏହାର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ପଦବୀକୁ ନେଇ ଟଣାଓଟରା ଚାଲିଛି। ବ୍ୟାପକ ଅନିୟମିତତା ଓ ଦୁର୍ନୀତିକୁ ନେଇ ବ୍ୟାଙ୍କର ଗାରିବା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବ୍ୟାଙ୍କର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁରେଶ ଚନ୍ଦ୍ର ଦାସ ଓଡିଶା ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଅନୁସାରେ ପୁନଃ ଅବସ୍ଥାପିତ ହୋଇ ଗତ ଅପ୍ରେଲ ୨୮ ତାରିଖରେ ନିଜର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ହେଲେ ଗତ ଜାନୁଆରୀ ୩୧ରୁ ଅପ୍ରେଲ ୨୭ ତାରିଖ ପର୍ଯ୍ୟନ୍ତ ବ୍ୟାଙ୍କର ଭାରପ୍ରାପ୍ତ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ରଞ୍ଜନ ପଟେଲ ଦାୟିତ୍ୱ ହସ୍ତାନ୍ତର ନ କରି ତାଙ୍କ ପ୍ରକୋଷ୍ଠକୁ ତାଲା ପକାଇ ରଖିଥିବା ନେଇ ଅଭିଯୋଗ ହୋଇଛି। ଏପରିକି ତାଙ୍କ ସ୍ୱଳ୍ପ କାର୍ଯ୍ୟକାଳ ମଧ୍ୟରେ ସେ ବେନିୟମ ଭାବେ କାର୍ଯ୍ୟ କରି ବ୍ୟକ୍ତିଗତ ସ୍ୱାର୍ଥ ହାସଲ କରିଛନ୍ତି ବୋଲି ନିଖିଳ ଓଡିଶା କେନ୍ଦ୍ର ସମବାୟ ବ୍ୟାଙ୍କର କାର୍ଯ୍ୟ ନିବୃତ୍ତ କର୍ମଚାରୀ ସଂଘ ସୁନ୍ଦରଗଡ ଜିଲା ଶାଖା ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରି ଏହାର ଉଚ୍ଚ ସ୍ତରୀୟ ତଦନ୍ତ ଦାବି କରାଯାଇଛି। ସଂଘର ସଭାପତି ଉମେଶ ବାବୁ ଓ ସାଧାରଣ ସମ୍ପାଦକ ଚୂଡାମଣି ସିଂ ଏହି ଖବରଦାତା ସମ୍ମିଳନୀରେ କହିଛନ୍ତି ଯେ, ଭାରପ୍ରାପ୍ତ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ପଟେଲ ପଦୋନ୍ନତି ସହ ନିଜର ୮ମାସର ମେଡିକାଲ ଛୁଟି ମଞ୍ଜୁର କରିନେଇଛନ୍ତି। ଏହାସହ ତାଙ୍କ ସ୍ତ୍ରୀଙ୍କ ପଦୋନ୍ନତି ଓ ସୁବିଧା ଜାଗାକୁ ବଦଳି କରିଛନ୍ତି। ସେ ସମୂହ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ବ୍ୟକ୍ତିଗତ ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦେଇଛନ୍ତି। ସ୍ୱଳ୍ପକାଳ ମଧ୍ୟରେ ତାଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ବ୍ୟାଙ୍କକୁ ଅଧିକ କ୍ଷତି ପହଞ୍ଚାଇବ ବୋଲି ଆଶଙ୍କା କରାଯାଉଛି। ଏଣୁ ଏସବୁର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସଂଘ ଦାବି କରିଛି। ତେବେ ଏ ସମ୍ପର୍କରେ ଭାରପ୍ରାପ୍ତ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ରଞ୍ଜନ ପଟେଲଙ୍କୁ ପଚାରିବାରୁ ବ୍ୟାଙ୍କରେ କୌଣସି ପ୍ରକାର ଅନିୟମିତତା କାର୍ଯ୍ୟ ହୋଇଥିବା କଥାକୁ ସେ ଖଣ୍ଡନ କରିଛନ୍ତି। ଯାହା କାର୍ଯ୍ୟ କରାଯାଇଛି, ତାହା ନିୟମ ଅନୁଯାୟୀ କରାଯାଇଛି ବୋଲି ସେ କହିଛନ୍ତି।

## ଭୋଟର ତାଲିକା ସଂଶୋଧନ ତାଲିମ କର୍ମଶାଳା ଉଦ୍‌ଘାଟିତ

**ରାଉରକେଲା ଅଫିସ,୭।୫**

ଉଦିତନଗର ସ୍ଥିତ ଆଇଟିଡିଏ ହଲ ପରିସରରେ ପାନପୋଷ ଉପଜିଲାପାଳ ଦୌଲତ ଚନ୍ଦ୍ରାକରଙ୍କ ଅଧ୍ୟକ୍ଷତାରେ ଭୋଟର ତାଲିକା ସଂଶୋଧନ ଓ ଅନ୍ୟ ତ୍ରୁଟି ଦୂରୀକରଣ ନେଇ ଏକ କର୍ମଶାଳା ଉଦ୍‌ଘାଟିତ ହୋଇଛି। ଏହି କର୍ମଶାଳାରେ ବିଭିନ୍ନ ବ୍ଲକର ଅଧିକାରୀ ଓ ସୁପରଭାଇଜରମାନେ ଉପସ୍ଥିତ ଥିଲେ। ନିର୍ବାଚନ ସମୟରେ ଭୋଟରମାନଙ୍କ ନାମ ସଂଶୋଧନ କିପରି ହୋଇପାରିବ ସେ ଆବେଦନ ପ୍ରକ୍ରିୟାର ସମ୍ବନ୍ଧୀୟ ତଥ୍ୟ ଉପରେ ଉକ୍ତ କର୍ମଶାଳାରେ ଆଲୋଚନା ହୋଇଥିଲା। ଏଥିରେ ସହକାରୀ ଜିଲାପାଳ ସୁଶାନ୍ତ ବେହେରା, ରାଉରକେଲା ତହସିଲଦାର ଚନ୍ଦ୍ରକାନ୍ତ ମଲ୍ଲିକ, ଦେବ ପ୍ରକାଶ ପଶାୟତ, ରଞ୍ଜନ ସେଠୀ, ସମୀର ନାୟକ, ନୀଳକଣ୍ଠ ବାରିକଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବାପାଙ୍କ ଅସ୍ଥି ବିସର୍ଜନ ପାଇଁ ଆସୁଥିବା ପୁଅ ଦୁର୍ଘଟଣାରେ ମୃତ

**ନୂଆପଡା ଅଫିସ,୭।୫**

ବାପାଙ୍କ ଅସ୍ଥି ବିସର୍ଜନ ପାଇଁ ଆସୁଥିବା ପୁଅ ସଡକ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ କୋମନା ଥାନା ଟିକ୍ରାପଡା ଗାଁର ଅମରିସ ଦଣ୍ଡସେନା (୪୨)। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଟିକ୍ରାପଡା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଛତିଶଗଡ଼ କବିରଧାମରେ ଏକ ଅଣସରକାରୀ ସଂସ୍ଥା ଆମେରିକେନ ଇଣ୍ଡିଆ ଫାଉଣ୍ଡେସନରେ କାମ କରୁଥିଲେ। ତାଙ୍କ ବାପା ଲଛମନ ଦଣ୍ଡସେନାଙ୍କ ୨୦୨୨ ଫେବୃଆରୀ ୮ରେ ମୃତ୍ୟୁ ହୋଇଥିଲା। ଶନିବାର ବାପାଙ୍କ ଅସ୍ଥିକୁ ଆହ୍ଲାବାଦ ନେଇ ବିସର୍ଜନ କରିବାର କାର୍ଯ୍ୟକ୍ରମ ରହିଥିଲା। ବାପାଙ୍କ ଅସ୍ଥି ଦର୍ଶନ କରି ଅସ୍ଥି ଘରୁ ଆହ୍ଲାବାଦ ନେବା ଉଦ୍ଦେଶ୍ୟରେ ଭୋର ୪ଟାରୁ କବିରଧାମରୁ ଏକ ବାଇକ୍ ଓଡି ୨୬ଏ ୩୭୨୬ ନଂରେ ଅମରିସ ନିଜ ଗାଁ ଟିକ୍ରାପଡାକୁ ଆସୁଥିଲେ। ୩୫୩ ନମ୍ବର ଜାତୀୟ ରାଜପଥ ଘାଟିପଡାଠାରେ ପଛପଟୁ ଏକ ଗାଡି ଧକ୍କା ଦେବାରୁ କଲଭର୍ଟରେ ପିଟି ହୋଇଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଲଖନା ଥାନା ପୋଲିସ ଖବରପାଇ ଘଟଣାସ୍ଥଳକୁ ଆସି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ।

## ଶିଡ଼ିରୁ ପଡ଼ି ଯୁବକ ମୃତ

**ରାଉରକେଲା ଅଫିସ,୭।୫**

ଟାଙ୍ଗରପାଲି ଥାନା ଅନ୍ତର୍ଗତ ମାଟିଆଡେରା ବସ୍ତିର ଜଣେ ଯୁବକ ଶିଡ଼ିରୁ ଖସିପଡିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଗୋବିନ୍ଦ ମୁର୍ମୁ(୪୫)। ଗୋବିନ୍ଦ ଶନିବାର ସକାଳ ସାଢ଼େ ୧୧ଟା ସମୟରେ ଘର ଚଟାଣରେ ପାଣି ଦେଇ ଶିଡ଼ିରୁ ତଳକୁ ଓହ୍ଲାଉଥିବା ବେଳେ ଗୋଡ ଖସି ଯାଇଥିଲା। ଫଳରେ ସେ ତଳେ ପଡ଼ିଯିବାରୁ ମୁଣ୍ଡ ଓ କାନପଟିରେ ଖୁବ ଜୋରରେ ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପରିବାର ଲୋକେ ଉଦ୍ଧାର କରି ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୧।୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ଦେବଗଡ଼ ବିଧାୟକଙ୍କ ଗିରଫ ପ୍ରତିବାଦରେ ବିକ୍ଷୋଭ



ଭାଜପା ନେତା ଓ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ରାଉରକେଲା ଅଫିସ,୭।୫**

ଦେବଗଡ ବିଧାୟକ ସୁବାସ ପାଣିଗ୍ରାହୀଙ୍କ ଅଗଣତାନ୍ତ୍ରିକ ଗିରଫ ପ୍ରତିବାଦରେ ଶନିବାର ପାନପୋଷ ସାଙ୍ଗଠନିକ ଜିଲା ଭାଜପା ପକ୍ଷରୁ ଉଦିତନଗର ସ୍ଥିତ ଏସ୍‌ପି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭାଜପା ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବିକ୍ଷୋଭରେ ଜିଲା ତଥା ସହରର ଶତାଧିକ ଦଳୀୟ କର୍ମକର୍ତ୍ତା ଯୋଗଦେଇ ରାଉରକେଲା ଏସ୍‌ପି ମୁକେଶ କୁମାର ଭାମୁଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ବିକ୍ଷୋଭରେ ଭାଜପା ମୁଖପାତ୍ର ଧୀରେନ ସେନାପତି, କଳ୍ପନା ଲେଙ୍କା, ନିହାର ରାୟ, ଶଙ୍କର ଓରାମ, ଗଙ୍ଗାଧର ଦାଶ, ସୁବ୍ରତ ପଟ୍ଟନାୟକଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଗାଡ଼ି ମାଲିକଙ୍କ ସମସ୍ୟା ସମାଧାନ କରିବ କୋର୍ କମିଟି



ବୈଠକରେ ଉପସ୍ଥିତ ଗାଡ଼ି ମାଲିକବୃନ୍ଦ।

**ଲହୁଣୀପଡ଼ା,୭।୫(ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡା ପୂର୍ତ୍ତ ବିଭାଗ ଡାକବଙ୍ଗଳା ଠାରେ ରାଜାମୁଣ୍ଡା, ଲହୁଣୀପଡା ଏବଂ ବଣାଇ ଟିପ୍ପର ଓ ଟ୍ରକ ମାଲିକ ସଂଘର ଏକ ମିଳିତ ବୈଠକ ଶନିବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଭୂତି ଭୂଷଣ କର ସଭାପତିତ୍ୱ କରିଥିଲେ। ବଣାଇ ଉପଖଣ୍ଡ ଅଞ୍ଚଳରେ ସମସ୍ତ ମାଇନ୍ସ ତଥା ସ୍ପଞ୍ଜ୍ କାରଖାନା ରହିଛି। କିନ୍ତୁ ବଣାଇ ଅଞ୍ଚଳର ଗାଡ଼ି ମାଲିକମାନେ ଉପଯୁକ୍ତ ଲୋଡିଂ ପାଇବାରୁ ବଞ୍ଚିତ ହେଉଛନ୍ତି। ସେହିପରି ଗାଡ଼ି ମାଲିକମାନେ କିପରି ଠିକ୍ ଭାବେ ଲୋଡିଂ ସହ ଭଡ଼ା ପାଇବେ ସେ ବିଷୟରେ ବୈଠକରେ ଆଲୋଚନା କରାଯାଇଥିଲା। ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଅନୁସାରେ ତିନୋଟି ସଂଘର ୧୫ଜଣଙ୍କୁ ନେଇ ଏକ କୋର୍ କମିଟି ଗଠନ କରାଯାଇଥିଲା। ଏହି କମିଟି ଗାଡି ମାଲିକଙ୍କ ସମସ୍ୟା ସମାଧାନ ପାଇଁ ଉଦ୍ୟମ କରିବ। କମିଟିରେ ମୁଖ୍ୟ କୋର୍ଡିନେଟର ଭାବେ ରଞ୍ଜିତ କୁମାର ସାହୁଙ୍କୁ ମନୋନୀତ କରାଯାଇଥିଲା। ସେହିପରି ଅତିରିକ୍ତ କୋର୍ଡିନେଟର ଭାବେ ସଞ୍ଜୀବ କୁମାର ଖଟୁଆ, ସଞ୍ଜୟ କୁମାର ଦାଶ, ସୁଜିତ କୁମାର ମହାପାତ୍ର, ମୁଖ୍ୟ ପରାମର୍ଶଦାତା ଭାବେ ବିଭୂତି ଭୂଷଣ କର ମନୋନୀତ ହୋଇଥିଲେ। ସେହିପରି ରାକେଶ କୁମାର ପ୍ରଧାନ, ବିଜୟ କୁମାର ଠାକୁର, ଦୀପକ କୁମାର ଜିତଙ୍କୁ ପରାମର୍ଶଦାତା ଚୟନ କରାଯାଇଥିଲା। ବୈଠକରେ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ଗାଡ଼ି ମାଲିକ ଉପସ୍ଥିତ ଥିଲେ। ଶେଷରେ ସଞ୍ଜୀବ କୁମାର ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ।

## ମାନବିକତାର ପରିଚୟ ଦେଲେ ତାଲଡିହି ଗ୍ରାମବାସୀ

**ବଡ଼ଗାଁ, ୭।୫(ଡି.ଏନ.ଏ.)**

**ଉଦ୍ଧାର ଆହତ ବୃଦ୍ଧାଙ୍କୁ ଘରେ ରଖିଲେ**


ଉଦ୍ଧାର ହୋଇଥିବା ବୃଦ୍ଧା।

ଦୈନିକ କେଉଁଠି ନା କେଉଁଠି ନିର୍ଯାତନା, ବଳାତ୍କାର, ଅସହାୟଙ୍କ ପ୍ରତି କ୍ରୁରତା ଭଳି ଅମାନବୀୟ ଘଟଣା ଘଟିଚାଲିଛି। ସମାଜରେ ମାନବିକତା ବିରୋଧୀ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ତଥାପି ଏବେବି ଲୋକଙ୍କ ମଧ୍ୟରେ ବଞ୍ଚିରହିଛି ମାନବିକତା। କଥା କହି ପାରୁ ନ ଥିବା ଜଙ୍ଗଲରୁ ଆହତ ଅବସ୍ଥାରେ ଉଦ୍ଧାର ଜଣେ ଭିନ୍ନକ୍ଷମ ବୃଦ୍ଧାଙ୍କୁ ଗ୍ରାମବାସୀ ଘରେ ଆଶ୍ରୟ ଦେଇ ମାନବିକତାର ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଟିଙ୍କିଲିପଡା ପଞ୍ଚାୟତର ତାଲଡିହି ଗ୍ରାମରେ।

ଘଟଣା ଥିଲା ଏହିପରି। ଆଜିକୁ ପ୍ରାୟ ୩ ମାସ ତଳେ ଗ୍ରାମର ରାଜେନ୍ଦ୍ର କେରକେଟା ଓ ତାଙ୍କ ସ୍ତ୍ରୀଙ୍କ ସହିତ କେତେକ ମହିଳା ଜଙ୍ଗଲକୁ ଜାଳେଣି କାଠ ଆଣିବା ପାଇଁ ଯାଇଥିଲେ। ଏହି ସମୟରେ ଜଙ୍ଗଲ ଭିତରେ ଜଣେ ବୃଦ୍ଧା ଛୋଟେଇ ଛୋଟେଇ ବାଡ଼ି ଧରି ଅସହାୟ ଅବସ୍ଥାରେ ବିଚରଣ କରୁଥିବା ଦେଖି ଏମାନେ ତାଙ୍କ ପାଖକୁ ଯାଇଥିଲେ। ବୃଦ୍ଧାଙ୍କୁ ପଚରାଉଚରା କଲେ ମଧ ସେ କିଛି ନ କହି ଭୟାତୁର ହୋଇପଡିଥିଲେ। ଏହାପରେ ବିଧବା ମହିଳା ବାସନ୍ତୀ କାଣ୍ଡୁଲାନା ଆହତ ବୃଦ୍ଧାଙ୍କୁ ନିଜ ଘରକୁ ଆଣି ରଖିଥିଲେ। ବାସନ୍ତୀ ଶ୍ରମିକ କାମ କରି ବୃଦ୍ଧା ଶାଶୁଙ୍କ ସେବା ଯତ୍ନ କରୁଥିବାବେଳେ ଖୁସିରେ ଉକ୍ତ ବୃଦ୍ଧାଙ୍କୁ ମା' ଭଳି ରଖିଛନ୍ତି। ଗ୍ରାମବାସୀ ମଧ ବୃଦ୍ଧାଙ୍କୁ ଆୟା ବା ମା' ସମ୍ବୋଧନ କରି ନିଜର କରିନେଇ ମାନବିକତାର ପରିଚୟ ଦେଇଛନ୍ତି। ଆମ ପ୍ରତିନିଧି ଉକ୍ତ ବୃଦ୍ଧାଙ୍କୁ ସାକ୍ଷାତ କରି ପଚାରିବାରୁ ସେ ହାତରେ ଇଙ୍ଗିତ କରି ୨ଜଣ ନିଶ ରଖିଥିବା ବ୍ୟକ୍ତି ତାଙ୍କୁ ଜଙ୍ଗଲକୁ ଆଣି ମାଡ଼ ମାରି ଛାଡ଼ି ଚାଲିଯାଇଥିବା ଜଣାଇଥିଲେ। ଗ୍ରାମବାସୀ ବୃଦ୍ଧାଙ୍କୁ ଉଦ୍ଧାର କଲାବେଳେ ସେ ଛୋଟେଇ ଛୋଟେଇ ବାଡି ଧରି ଚାଲୁଥିଲେ ଓ ଅତି ଦୁର୍ବଳ ଥିଲେ। କିନ୍ତୁ ଏବେ ବୃଦ୍ଧା ଜଣକ ବାସନ୍ତୀଙ୍କ ଘରେ ଖୁସିରେ ଥିବା ଗ୍ରାମବାସୀ କହିଛନ୍ତି।


## ବାରିପଦା ପୌର ପରିଷଦ

ବାରିପଦା, ମୟୂରଭଞ୍ଜ-୭୫୭୦୦୧

ପତ୍ର ସଂଖ୍ୟା: 2840

**ନିଲାମ ଇସ୍ତାହାର**

ତା: 7.5.2022

**No.C-229:-** ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବାରିପଦା ପୌରପରିଷଦର ନିଷ୍ପତ୍ତିମତେ ୭ ଗୋଟି ସୈରାତର ଜଉମୁଦଦିଆ ନିବିଦା (Sealed Quotation) ଆହ୍ୱାନ କରାଯାଉଅଛି । ପୌର ପରିଷଦର ନିମ୍ନଲିଖିତ ସର୍ତ୍ତ ଅନୁଯାୟୀ ଇଚ୍ଛୁକ ବ୍ୟକ୍ତିବିଶେଷ କିମ୍ବା ଅନୁଷ୍ଠାନମାନେ ନିବିଦା କାଗଜ କିଣି ତା୨୩।୫।୨୦୨୨ରିଖ ଦିବା ୧୧ ଘଟିକା ସୁଦ୍ଧା ସେଥିରେ ଆବେଦନ କରିଥିବା ସୈରାତର ସର୍ବୋଚ୍ଚ ମୂଲ୍ୟ ଦର୍ଶାଇ ନିବିଦା ଦାଖଲ କରିପାରିବେ । ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ନିବିଦା ଗ୍ରହଣୀୟ ହେବନାହିଁ । ଯେଉଁମାନଙ୍କର ସର୍ବୋଚ୍ଚ ଦର ଯଦି ସନ୍ତୋଷଜନକ ନ ହୁଏ, ତାହା ହେଲେ ପୁଣି ସାନି ନିବିଦା ଆହ୍ୱାନ କରାଯିବ । ସର୍ବୋଚ୍ଚ ଦରକୁ ଗ୍ରହଣ କରିବାକୁ ପୌର ପରିଷଦ କର୍ତ୍ତୃପକ୍ଷ ବାଧ୍ୟ ନୁହନ୍ତି । ଦରକାର ହେଲେ ସମସ୍ତ ନିଲାମକୁ କୌଣସି କାରଣ ନ ଦର୍ଶାଇ ରଦ୍ଦ କରାଯାଇପାରେ । ଦାଖଲ ହୋଇଥିବା ନିବିଦାଗୁଡ଼ିକ ସେହିଦିନ ଅର୍ଥାତ୍ ତା୨୩।୫।୨୦୨୨ରିଖ ଦିବା ୧୨ ଘ. ସମୟରେ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ନିବିଦାଦାତା ବା ସେମାନଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ପ୍ରତିନିଧି ଓ ଟେଣ୍ଡର କମିଟି ସଦସ୍ୟମାନଙ୍କ ଉପସ୍ଥିତିରେ ଖୋଲାଯିବ । ବିଶେଷ ବିବରଣୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି କାର୍ଯ୍ୟାଳୟ ୱେବ୍‌ସାଇଟ୍ **www.baripadamunicipality.in**ରେ ଓ କାର୍ଯ୍ୟାଳୟ ଖୋଲାଥିବା ଦିବସମାନଙ୍କରେ କାର୍ଯ୍ୟାଳୟରେ ବୁଝିପାରିବେ ।

| Sl. No. | Sairat Name | Lease period | Lease period for public auction | Up-set price to be fixed for upcoming year 2022-23 onward | SD amount @10% of the upset price | Cost of auction paper |
|---|---|---|---|---|---|---|
| 1 | Market Cycle Stand | May 2022-23 | One Year | Rs.19,898.00 | Rs.1,990.00 | Rs.200.00 |
| 2 | K.M.B.M. Cycle Stand | May 2022-23 | One Year | Rs.21,999.00 | Rs.2,200.00 | Rs.200.00 |
| 3 | Carts & Carriage with dog license | May 2022-23 | One Year | Rs.71,077.00 | Rs.7,108.00 | Rs.200.00 |
| 4 | Biju Pattnaik Children Park Canteen | May 2022-23 | One Year | Rs.82,999.00 | Rs.8,300.00 | Rs.200.00 |
| 5 | Baripada Market & other places except Ward No 13 & 20 (p) | May 2022-23 | One Year | Rs.29,14,216.00 | Rs.2,91,422.00 | Rs.1000.00 |
| 6 | Station Bazar Daily Market ward No.13 & 20 (p) | May 2022-23 | One Year | Rs.8,64,600.00 | Rs.86,460.00 | Rs.500.00 |
| 7 | Day Night Kacheri Market & Market & another Vehicle Stand | May 2022-23 | One Year | Rs.1,13,126.00 | Rs.11,313.00 | Rs.500.00 |

**ନିମ୍ନୋକ୍ତ ସର୍ତ୍ତାବଳୀ ଅନୁଯାୟୀ ନିବିଦା ଚୂଡ଼ାନ୍ତ କରାଯିବ ।**

1. ପୂର୍ବ ବର୍ଷର ନିଲାମ ଟଙ୍କା ବକେୟା ରଖିଥିବା ବ୍ୟକ୍ତିବିଶେଷ ବା ଅନୁଷ୍ଠାନମାନେ ନିଲାମରେ ଭାଗ ନେଇ ପାରିବେ ନାହିଁ ।
2. ନିବିଦା ଦାଖଲ କରିବା ବ୍ୟକ୍ତିବିଶେଷମାନେ ନିବିଦା (Quotation) ସହିତ Solvency Certificate ବା ନିବିଦା ମୂଲ୍ୟର ବ୍ୟାଙ୍କ Guarantee in favour of "Executive Officer, Payable at Baripada" ଦାଖଲ କରିବେ, ନଚେତ ଦାଖଲ କରିଥିବା ନିବିଦା ଗ୍ରହଣୀୟ ହେବ ନାହିଁ ।
3. ନିବିଦା ସହିତ ଆବଶ୍ୟକ S.D. Money (ଅମାନତ ଟଙ୍କା) "Banker Check or DD in favour of the Executive Officer, Baripada Municipality, Baripada payable at Baripada କରିଆରେ ଦାଖଲ କରିପାରିବେ ।
4. ନିବିଦାଦାତା ପୌରାଞ୍ଚଳ ଅଧିବାସୀ ହୋଇଥିବେ ଏବଂ ତାହାର ପ୍ରମାଣ ସ୍ୱରୂପ ଆବେଦନ ସମୟରେ ଆଧାର କାର୍ଡ/ଭୋଟର ଆଇ.ଡି କାର୍ଡ଼ ସହିତ ଗୃହ ଟିକସ ରସିଦର ନକଲ/ଦୋକାନ ଭଡ଼ା (ଯଦି ଦୋକାନ ଥାଏ) ଓ ଅନ୍ୟାନ୍ୟ ଟ୍ୟାକ୍ସ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ପୈଠ ସମ୍ବନ୍ଧୀୟ ରସିଦର ନକଲ କପି ନିବିଦା ସହିତ ଦାଖଲ କରିବେ। ନଚେତ ତାହା ଗ୍ରହଣୀୟ ହେବନାହିଁ ।
5. ଯାହାଙ୍କ ନାମରେ ନିଲାମ ସିଦ୍ଧ ହେବ ସେ କାର୍ଯ୍ୟାଳୟରେ ସୂଚନା ପ୍ରାପ୍ତିର ୩ (ତିନି) ଦିନ ମଧ୍ୟରେ ଏକକାଳୀନ ସମସ୍ତ ଧାର୍ଯ୍ୟ ଦେୟ ମ୍ୟୁନିସିପାଲିଟି ଅଫିସରେ ପୈଠ କରିବେ। ନଚେତ ତାଙ୍କର ଜମାଥିବା ଅମାନ ଟଙ୍କା ବାଜ୍ୟାପ୍ତ କରାଯିବ ଏବଂ ସମ୍ପୃକ୍ତ ନିଲାମର ଦ୍ୱିତୀୟ ସର୍ବୋଚ୍ଚ ଦର ଉପସ୍ଥାପନ କରିଥିବା ଅନ୍ୟ ବ୍ୟକ୍ତି ବା ଅନୁଷ୍ଠାନଙ୍କୁ ନିଲାମରେ ଦିଆଯିବ ।
6. ଯେଉଁ ବ୍ୟକ୍ତିଙ୍କ ନାମରେ ନିଲାମ ସିଦ୍ଧ ହେବ ସେ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସହିତ ଆବଶ୍ୟକୀୟ ଚୁକ୍ତିପତ୍ର ନିଲାମ ଚୂଡ଼ାନ୍ତ ହେବାର ୩ (ତିନି) ଦିନ ମଧ୍ୟରେ କରିବେ ।
7. ଯେଉଁ ବ୍ୟକ୍ତିଙ୍କ ନାମରେ ନିଲାମ ସିଦ୍ଧ ହେବ, ତାଙ୍କର ଅମାନତ ଟଙ୍କା ନିଲାମ ଅବଧି ସରିଲା ପରେ ଆବେଦନ କ୍ରମେ ଫେରସ୍ତ ଦିଆଯିବ ଓ ଏହା ସହିତ ଅସିଦ୍ଧ ହୋଇଥିବା ଅନ୍ୟ ନିଲାମଧାରୀଙ୍କର ଅମାନତ ଟଙ୍କା ନିଲାମ ପ୍ରକ୍ରିୟା ସରିଲା ପରେ ଆବେଦନ କ୍ରମେ ଫେରସ୍ତ କରାଯିବ ।
8. ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦେୟର ପରିବର୍ତ୍ତନ ହେଲେ କିମ୍ବା ନିୟମରେ କୌଣସି ପରିବର୍ତ୍ତନ କରାଗଲେ ନିଲାମଧାରୀ ତାହା ପାଳନ କରିବାକୁ ବାଧ୍ୟ ରହିବେ ।
9. ଅମାନତ ଟଙ୍କା ଫେରସ୍ତ ଦେଲାବେଳେ ସେଥିରେ କୌଣସି ସୁଧ ଦିଆଯିବ ନାହିଁ କିମ୍ବା ନିବିଦା କିଣିବା ବାବଦରେ ଜମା କରିଥିବା ଟଙ୍କା ଫେରସ୍ତ ଦିଆଯିବ ନାହିଁ ।
10. ଯେଉଁ ନିଲାମଧାରୀଙ୍କର ସୈରାତ ସିଦ୍ଧ ହୋଇଥିବ ସେହି ବ୍ୟକ୍ତି ଭବିଷ୍ୟତରେ ତାହା କାର୍ଯ୍ୟକାରୀ ନ କରିପାରିଲେ ଏହି ବାବଦରେ ଜମାଥିବା ଅମାନତ ଟଙ୍କା ବାଜ୍ୟାପ୍ତ କରିବା ସହିତ ନିଲାମ ଟଙ୍କା ଫେରସ୍ତ ଦିଆଯିବ ନାହିଁ । ଏଣୁ ଏହି ପରିପ୍ରେକ୍ଷୀରେ ନିଲାମଧାରୀ ଉକ୍ତ ଟଙ୍କାକୁ ଦାବି କରିପାରିବେ ନାହିଁ ଏବଂ କୌଣସି ଆଇନ ଅଦାଲତରେ ଆଶ୍ରୟ ନେଇପାରିବେ ନାହିଁ ।

ସ୍ୱା./- ନିର୍ବାହୀ ଅଧିକାରୀ, ବାରିପଦା ପୌରପାଳିକା

OIPR-13078/11/0007/2223

## କୁଷ୍ଠରୋଗୀଙ୍କୁ ମିଳିଲା ପାଇପ ପାଣି

ନାକଟିଦେଉଳ (ଡି.ଏନ.ଏ.): ନାକଟିଦେଉଳ ବ୍ଲକ ଜଗନ୍ନାଥ ପ୍ରସାଦ ଗ୍ରାମର କୁଷ୍ଠରୋଗୀ ମୋହିନୀ ମେହେର ସର୍ବସାଧାରଣ ସ୍ଥାନରୁ ପାନୀୟ ଜଳ ସଂଗ୍ରହ କରିବାକୁ ଉଚିତ ମଣୁ ନ ଥିଲେ। ତାଙ୍କ ଘରକୁ ପାଇପ୍ ପାଣି ଯୋଗାଣ ପାଇଁ ଏକ ପଏଣ୍ଟ ଦେବାକୁ ସେ ପଞ୍ଚାୟତ କାର୍ଯ୍ୟାଳୟରେ ଅଭିଯୋଗ କରିଆସୁଥିଲେ। ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ ଏହି ସମସ୍ୟା ହୃଦୟଙ୍ଗମ କରି ତାଙ୍କ ଘରକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦେଇଛନ୍ତି। ଏଥିପାଇଁ ସେ ସରପଞ୍ଚ ସାହୁଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ସଂକ୍ଷେପରେ

### ପାରିବାରିକ କଳହରୁ ଯୁବତୀଙ୍କ ଆତ୍ମହତ୍ୟା

ଜମନକିରା,୭।୫(ଡି.ଏନ.ଏ.): ଜମନକିରା ବ୍ଲକ କୁଚିଣ୍ଡା ଥାନା ଅନ୍ତର୍ଗତ ରେଙ୍ଗାଲବେଡା ଗ୍ରାମରେ ପାରିବାରିକ କଳହକୁ ନେଇ ଶନିବାର ଜଣେ ଯୁବତୀ (୨୨) ଆତ୍ମହତ୍ୟା କରିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ବିଳମ୍ବିତ ରାତ୍ରିରେ କୌଣସି କାରଣକୁ ନେଇ ଯୁବତୀଙ୍କ ସହ ପରିବାର ସଦସ୍ୟଙ୍କ ପାଟିତୁଣ୍ଡ ହୋଇଥିଲା। ଏହାକୁ ନେଇ ଯୁବତୀ ଜଣକ ଭୋର ୪ଟାରେ ନିଜ ଘରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ପରିବାର ଲୋକଙ୍କଠାରୁ ଖବର ପାଇ କୁଚିଣ୍ଡା ପୋଲିସ ଗ୍ରାମରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ଡାକ୍ତରଖାନା ପଠାଇଥିଲା। ଏ ନେଇ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

### ରେଳ ମଣ୍ଡଳରେ ବିଦ୍ୟୁତ୍ ନିରାପତ୍ତା ଦିବସ

ସମ୍ବଲପୁର,୭।୫(ବ୍ୟୁରୋ): ପୂର୍ବତଟ ରେଳପଥ ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ ଶନିବାର ବିଦ୍ୟୁତ୍ ନିରାପତ୍ତା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବିଭିନ୍ନ ଷ୍ଟେଶନ, ରେଳବାଇ କଲୋନୀ, ଅଫିସଗୁଡିକରେ ସଚେତନ କରାଯାଇଥିଲା। ସେହିପରି ବିଦ୍ୟୁତ୍ ନିରାପତ୍ତା ସ୍ଲୋଗାନ, ବ୍ୟାନର, ପୋଷ୍ଟର ପ୍ରଦର୍ଶିତ ହୋଇଥିଲା। ଏଥିସହ ରେଳଯାତ୍ରୀ, ଜନସାଧାରଣ, ରେଳ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ରେଳ ମଣ୍ଡଳ ସଭାକକ୍ଷରେ ଆୟୋଜିତ ସେମିନାରରେ ମଣ୍ଡଳ ରେଳ ପ୍ରବନ୍ଧକ (ଡିଆର୍ଏମ୍) ପ୍ରଦୀପ କୁମାର ଅଧକ୍ଷତା କରିଥିଲେ। ବିଦ୍ୟୁତ୍ ନିରାପତ୍ତା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। କାର୍ଯ୍ୟ କ୍ଷେତ୍ରରେ ନିରପତ୍ତା ଉପକରଣର ବ୍ୟବହାର ସୁନିଶ୍ଚିତ କରିବାକୁ ଡିଆର୍ଏମ୍ ଆହ୍ୱାନ ଦେଇଥିଲେ। ଅତିରିକ୍ତ ମଣ୍ଡଳ ପ୍ରବନ୍ଧକ ଆନନ୍ଦ ସିଂ ନିରାପତ୍ତା ସମ୍ବନ୍ଧୀୟ ନିୟମାବଳୀ ବିଷୟରେ ସୂଚନା ଦେଇଥିଲେ। ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ ଜନାର୍ଦ୍ଦନ ମହନ୍ତ ପାୱାର ପଏଣ୍ଟ ଜରିଆରେ ବିଭିନ୍ନ ବିଷୟରେ ସୂଚିତ କରିଥିଲେ।

### ମାନବ ସମ୍ବଳ ଅଧିକାର କର୍ମୀଙ୍କ ବୈଠକ

ନାକଟିଦେଉଳ,୭।୫(ଡ଼ି.ଏନ.ଏ.): ନାକଟିଦେଉଳ ସାପ୍ତାହିକ ହାଟପଦାଠାରେ ରାଷ୍ଟ୍ରୀୟ ମାନବ ସମ୍ବଳ ଅଧିକାର ମହାସଂଘ କର୍ମୀଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ପାଞ୍ଚାଲି ବେହେରାଙ୍କ ସଭାପତିତ୍ୱରେ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା। ମହାସଂଘର ବ୍ଲକ ଶାଖାର କାର୍ଯ୍ୟକାରୀ କମିଟି ଗଠନ କରାଯାଇ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ସଭାପତି ଭାବେ ପାଞ୍ଚାଲି ବେହେରା, ସମ୍ପାଦିକା ସୌଦାମିନୀ ବେହେରା ଓ ବରିଷ୍ଠ ଉପଦେଷ୍ଟା ଭାବେ ଗୀତାଞ୍ଜଳି ପ୍ରଧାନଙ୍କୁ ଚୟନ କରାଯାଇଥିଲା। ସଦସ୍ୟା ଭାବେ ଇନ୍ଦୁମତୀ ଦେହୁରି, ଉସୀ ବିଶି, ତପସ୍ୱିନୀ ଗୁରୁ, ପଦ୍ମିନୀ ବେହେରା, କବିତା ସାହୁ, ସନ୍ଧ୍ୟାରାଣୀ ବିଶ୍ୱାଳ, ମମତା ପ୍ରଧାନ ରହିଛନ୍ତି। ସେହିପରି ପୁରୁଷ କମିଟିରେ ସଭାପତି ହରେକୃଷ୍ଣ ମେହେର, ଉପସଭାପତି ବେନେଦିକ କିଣ୍ଡୋ, କାହ୍ନାଚରଣ ବିଶ୍ୱାଳ ରହିଛନ୍ତି।

# ବାପାଙ୍କ ଅନୁପସ୍ଥିତି ପୂରଣ କରୁଛନ୍ତି ମାଆ

ସମ୍ବଲପୁର,୭।୫(ବ୍ୟୁରୋ)

**ଆଜି ବିଶ୍ୱ ମାତୃ ଦିବସ**

ମହିଳା ଅବଳା ନୁହେଁ। ସାମାଜିକ, ପାରିବାରିକ ସମ୍ପର୍କ ନିଭେଇବା ସହ ରୋଜଗାର କରି ପରିବାର ପ୍ରତିପୋଷଣ କରିବା ଭଳି ସବୁ କ୍ଷେତ୍ରରେ ସେମାନଙ୍କର କାମ କରିବାର ଦକ୍ଷତା ରହିଛି। ସ୍ୱାମୀ ଚାଲିଯିବା କିମ୍ବା ଅଲଗା ରହିବା ପରେ ମଧ୍ୟ ସେମାନେ ନିଜକୁ ଅସହାୟ ନ ଭାବି ସମାଜରେ ନିଜକୁ ଓ ପରିବାରକୁ ଉପଯୁକ୍ତ ସ୍ଥାନରେ ପହଞ୍ଚାଇ ପାରିଛନ୍ତି। ଏଭଳି ଜଣେ ମହିଳା ହେଉଛନ୍ତି ସମ୍ବଲପୁର ସହର ଭୀମଭୋଇ ନଗରରେ ଭଡାଘରେ ରହୁଥିବା ଶକୁନ୍ତଳା ନାୟକ। ମାଆକୁ ନେଇ ଝିଅ ରାଜଶ୍ରୀ ଓ ପୁଅ ହିମାଂଶୁ ଗର୍ବ ଅନୁଭବ କରୁଥିବା କହିଛନ୍ତି।

ହିମାଂଶୁ କହନ୍ତି, ବାପା ଶତ୍ରୁଘ୍ନ ଜିଲା ପ୍ଲାନିଂ ଅଫିସରେ କାମ କରୁଥିଲେ। ୨୦୧୬ ମସିହାରେ କିଡ୍‌ନୀ ରୋଗରେ ପୀଡିତ ହୋଇ ତାଙ୍କର ମୃତ୍ୟୁ ଘଟିଥିଲା। ସେତେବେଳେ ବଡ ଭଉଣୀ ରାଜଶ୍ରୀଙ୍କୁ



ଝିଅପୁଅଙ୍କ ସହ ଶକୁନ୍ତଳା।

୧୭ ଓ ମୋତେ ମାତ୍ର ୧୪ ବର୍ଷ ହୋଇଥିଲା। ବାପାଙ୍କ ମୃତ୍ୟୁ ପରେ ପୁରା ପରିବାର ଏକପ୍ରକାର ଭାଙ୍ଗିପଡିଥିଲୁ। ମାଆ ମଧ୍ୟ ନିରାଶ ହୋଇଯାଇଥିଲେ। ଆର୍ଥିକ ଅନଟନ ଦେଖାଦେଇଥିଲେ ବି ମାଆ ଧାର ଉଧାର କରି ସମ୍ଭାଳି ନେଇଥିଲେ। କିଛିମାସ ପରେ ବାପାଙ୍କ ସ୍ୱଳ୍ପ ପେନ୍‌ସନ୍‌ରେ ପରିବାର ଚଳିଥିଲା। ମାଆ ଚାକିରି ପାଇଁ ଚେଷ୍ଟା କରିଥିଲେ ମଧ୍ୟ ହୋଇପାରି ନ ଥିଲା। କମ ରୋଜଗାରରେ ପାଠ ପଢାଠାରୁ ଆରମ୍ଭ କରି ସମସ୍ତ ଖର୍ଚ୍ଚ ହେଉଥିଲା। ପଢିବା ସମୟରେ ଟଙ୍କା ଅଭାବ ହୋଇଥିଲା। ହେଲେ ମାଆ ସବୁ ପୂରା କରିଦେଉଥିଲେ। ବଡ ଭଉଣୀ ଏବେ କେନ୍ଦୁଝର ଜିଲାରେ ବିଇଡି ପାଠ ପଢୁଛନ୍ତି। ମୁଁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ବାଣିଜ୍ୟ ବିଭାଗର ଯୁକ୍ତ ୩ ଶେଷବର୍ଷ ଛାତ୍ର। ବାପାଙ୍କ ସ୍ୱପ୍ନ ଥିଲା ଭଉଣୀଭାଇ ପାଠ ପଢି ସରକାରୀ ଚାକିରି କରିବୁ। ଏହି ଲକ୍ଷ୍ୟ ନେଇ ମାଆ ମାର୍ଗଦର୍ଶକ ଭାବେ ଆମକୁ ପରାମର୍ଶ ଦେଇଚାଲିଛନ୍ତି। ବାପାଙ୍କୁ ମନରୁ ଭୁଲି ହେଉ ନାହିଁ। ହେଲେ ବାପାଙ୍କ ଅନୁପସ୍ଥିତି ମାଆ ପୂରଣ କରିଦେଉଛନ୍ତି ବୋଲି ହିମାଂଶୁ କହିଥିଲେ।

# ମାମଲା ପ୍ରତ୍ୟାହାର, ବିଡିଓଙ୍କୁ ଗିରଫ ଦାବି

ସମ୍ବଲପୁର,୭।୫(ବ୍ୟୁରୋ)

ସମ୍ବଲପୁର ଜିଲା ଭାଜପା ପକ୍ଷରୁ ଶନିବାର ଏସ୍‌ପି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଦେବଗଡ ବିଧାୟକ ସୁବାସ ପାଣିଗ୍ରାହୀଙ୍କ ନାମରେ କରାଯାଇଥିବା ମାମଲା ପ୍ରତ୍ୟାହାର ଓ ଅଭିଯୋଗକାରୀ ବିଡିଓଙ୍କୁ ଗିରଫ ଦାବି କରିଥିଲେ। ରାଜନୀତି ଉଦ୍ଦେଶ୍ୟରେ ବିଧାୟକ ପାଣିଗ୍ରାହୀଙ୍କୁ ଗିରଫ କରାଯାଇଛି। ବିଧାୟକ କ୍ଷମତା ପରିଧି ଭିତରେ କାମ କରିଛନ୍ତି। ଲୋକଙ୍କ ସମସ୍ୟା ପାଇଁ ଯାଉଥିବା ସମୟରେ କଥା ନ ଶୁଣି ଓଲଟା ମାମଲା କରି ଦିଆଯାଇଥିଲା ବୋଲି ଅଭିଯୋଗ କରିଥିଲେ। ପରେ ରାଜ୍ୟପାଳଙ୍କୁ ଏସ୍‌ପିଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଥିଲେ। ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି ଦାବିପତ୍ର ଗ୍ରହଣ କରିଥିଲେ। ଜିଲା ସଭାପତି ଗିରିଶ ପଟେଲ, ପୂର୍ବତନ ବିଧାୟକ ରବି ନାଏକ, କୃଷକ ମୋର୍ଚ୍ଚା ଜିଲା ସଭାପତି ସମୀର ରଞ୍ଜନ ବାବୁ, ଦାମୋଦର କର, ରାମଚନ୍ଦ୍ର ମେହେର, ରାଧେଶ୍ୟାମ ବାରିକ, ଯୁବ ମୋର୍ଚ୍ଚା ଜିଲା ସଭାପତି ଅଶ୍ୱିନୀ ମାଝି, ମୋହନ ଦାସ, ସୁଜାତା ଗୁରୁ, ଅନ୍ନପୂର୍ଣ୍ଣା ବାରିକ, ଉତ୍ତମ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।



ଧାରଣାରେ ସାମିଲ ହୋଇଥିବା ଭାଜପା କର୍ମକର୍ତ୍ତା।

# ଫୋରେନ୍‌ସିକ ଲାବ୍ କାର୍ଯ୍ୟକ୍ଷମ ଦାବି

ସମ୍ବଲପୁର,୭।୫(ବ୍ୟୁରୋ)

ସମ୍ବଲପୁର ଉତ୍ତରାଞ୍ଚଳ ପୋଲିସ ଆଇଜି ଡ. ଦୀପକ କୁମାରଙ୍କୁ ଶନିବାର ଉତ୍କଣ୍ଠା ଅନୁଷ୍ଠାନ କର୍ମକର୍ତ୍ତା ଭେଟି ୭ବର୍ଷ ପୂର୍ବରୁ ଉଦ୍‌ଘାଟନ ହୋଇଥିବା ଫରେନ୍‌ସିକ ଲ୍ୟାବ୍ କାର୍ଯ୍ୟକ୍ଷମ କରିବାକୁ ଦାବି କରିଛନ୍ତି। ସେମାନେ ଆଇଜିଙ୍କ ସହ ଆଲୋଚନା କରି କହିଥିଲେ, ୭ବର୍ଷ ପୂର୍ବରୁ ମୁଖ୍ୟମନ୍ତ୍ରୀ ୩ ସ୍ଥାନରେ ଫରେନ୍‌ସିକ ଲ୍ୟାବ୍ ଉଦ୍‌ଘାଟନ କରିଥିଲେ। ସମ୍ବଲପୁର ରିଜର୍ଭ ପୋଲିସ ଲାଇନ ପରିସରରେ ଏହା ଉଦ୍‌ଘାଟନ ହୋଇଛି। ହେଲେ କର୍ମଚାରୀ ନିଯୁକ୍ତ ହୋଇ ନ ଥିବାରୁ ଏହା କାମରେ ଆସୁନାହିଁ। ଅପମୃତ୍ୟୁ, ଦୁର୍ଘଟଣାଜନିତ ମୃତ୍ୟୁ, ସାପ କାମୁଡ଼ା ଓ ଅନ୍ୟ ମୃତ୍ୟୁ ପାଇଁ ମୃତଦେହ ପୋଲିସ ବ୍ୟବଚ୍ଛେଦ କରିଥାଏ। ମୃତ୍ୟୁର କାରଣ ଜାଣିବା ପାଇଁ କେତେକ ମାମଲାରେ ଭିସେରା, କିଡ୍‌ନୀ, ଷ୍ଟୋମାକ୍ ଭଳି ଅଙ୍ଗଗୁଡିକ ପରୀକ୍ଷା କରାଯାଇଥାଏ। ଏହାକୁ ଭୁବନେଶ୍ୱରସ୍ଥିତ ସେଣ୍ଟ୍ରାଲ ଫରେନ୍‌ସିକ ଲ୍ୟାବ୍‌କୁ



ଆଇଜିଙ୍କୁ ଦାବିପତ୍ର ଦେଉଛନ୍ତି ଉତ୍କଣ୍ଠା କର୍ମକର୍ତ୍ତା।

ପଠାଯାଇଥାଏ। ହେଲେ ବର୍ଷ ବର୍ଷ ଧରି ସେଠାରୁ ରିପୋର୍ଟ ଆସି ନ ଥାଏ। ରିପୋର୍ଟ ନ ମିଳିବା ଯୋଗୁ ସରକାରୀ କ୍ଷତିପୂରଣ ଓ ଅନ୍ୟ ସୁବିଧା ପାଇବାରୁ ପରିବାର ବର୍ଗ ବଞ୍ଚିତ ହେଉଛନ୍ତି। ନ୍ୟାୟିକ ପ୍ରକ୍ରିୟାରେ ମଧ୍ୟ ବିଳମ୍ବ ହୋଇଥାଏ। ଏବେ ମଧ୍ୟ ଶତାଧିକ ରିପୋର୍ଟ ୧୦ବର୍ଷ ହେବ ପରିବାର ବର୍ଗ ପାଇନାହାନ୍ତି। ଭୁବନେଶ୍ୱର ଲ୍ୟାବ୍‌କୁ ନେବା ଆଣିବାରେ ପୋଲିସକୁ ମଧ୍ୟ ଅସୁବିଧା ହୋଇଥାଏ। ଆଇଜି କୁମାର କହିଥିଲେ, ବିଶେଷ କରି ଏହା ପୋଲିସ ବିଭାଗ ପାଇଁ ସମସ୍ୟା ସୃଷ୍ଟି କରୁଛି। ପୂର୍ବରୁ ଏହି ସମସ୍ୟା ନେଇ ଚିଠି କରିଛି। ଏହି ଦାବିକୁ ଜଣାଇ କିଭଳି ଶୀଘ୍ର କର୍ମଚାରୀ ନିଯୁକ୍ତ କରି କାର୍ଯ୍ୟକ୍ଷମ କରାଯିବ ସେ ନେଇ ପଦକ୍ଷେପ ଗ୍ରହଣ କରାଯିବ। ମହେନ୍ଦ୍ର କୁମାର ମିଶ୍ର, ଦୁଷ୍ମନ୍ତ ବେହେରା, ସୁବ୍ରତ ମହାନ୍ତି, ଫଣିନ୍ଦ୍ର ପ୍ରଧାନ, ଡାକ୍ତର ସଞ୍ଜୀବ ମିଶ୍ର, ପ୍ରଶାନ୍ତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ନଦୀର ଚୁଆ ପାଣି ଭରସା

ନାକଟିଦେଉଳ,୭।୫(ଡ଼ି.ଏନ.ଏ.)

ଗ୍ରୀଷ୍ମର ପ୍ରକୋପ ବୃଦ୍ଧି ପାଉଥିବାବେଳେ ଜଳକଷ୍ଟ ଲୋକଙ୍କୁ ଅତିଷ୍ଠ କରିଦେଉଛି। ବିକଳ୍ପ ବ୍ୟବସ୍ଥା ନ ଥିବାରୁ ଲୋକେ ବାଧହୋଇ ନଦୀରେ ଚୁଆଖୋଳି ପାନୀୟଜଳ ସଂଗ୍ରହ କରୁଛନ୍ତି। ଏପରି ଚିତ୍ର ଦେଖିବାକୁ ମିଳିଛି ନାକଟିଦେଉଳ ବ୍ଲକ ଘୋଷରାମାଳ ପଞ୍ଚାୟତର ଘୋଷରାମାଳ ଗ୍ରାମ ହରିଜନ ସାହିରେ।

ଏହି ସାହିରେ ପ୍ରାୟ ୧୫ଟି ପରିବାର ବସବାସ କରି ଆସୁଛନ୍ତି। ଘୋଷରାମାଳ ଗ୍ରାମରେ ପାଇପ୍ ପାଣି ଯୋଗାଣ ପାଇଁ ଏକ ଓଭରହେଡ଼ ପାଣିଟାଙ୍କି ରହିଛି। କିନ୍ତୁ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ସାହିର ଲୋକମାନେ ପାଇପ୍ ପାଣି ପାଇପାରି ନାହାନ୍ତି। ସାହିରେ ୨ଟି ନଳକୂପ ଥିଲେ ମଧ୍ୟ ସେଗୁଡ଼ିକ ଅଚଳ ଅବସ୍ଥାରେ ପଡ଼ିରହିଛି। ସାହିରେ ଖୋଲା କୂଅଟିଏ ମଧ୍ୟ ନାହିଁ। ଫଳରେ ଲୋକମାନେ ପାନୀୟଜଳ ସଂଗ୍ରହ ପାଇଁ ସାହିଠାରୁ ପ୍ରାୟ ଅଧ କି.ମି. ଦୂର ଚମ୍ପାଳି ନଦୀକୁ ଯାଉଛନ୍ତି। ସେଠାରେ ବାଲୁକା ଶଯ୍ୟାରେ ଚୁଆ ଖୋଳି ପିଇବା ପାଣି ସଂଗ୍ରହ କରୁଛନ୍ତି। ବର୍ଷା ଦିନେ ନଦୀପାଣି ଦୂଷିତ ରହୁଥିବାରୁ ଏହାକୁ ବ୍ୟବହାର କରି ସେମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା କହିଛନ୍ତି। ଏ ନେଇ ଲୋକ ପ୍ରତିନିଧି ଓ ପ୍ରଶାସନକୁ ଜଣାଇ ଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ନାକଟିଦେଉଳ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର କନିଷ୍ଠଯନ୍ତ୍ରୀ ହିମାଂଶୁ କୁମାର ବେହେରାଙ୍କୁ ପଚାରିବାରୁ ସେ କହିଥିଲେ, ଘୋଷରାମାଳ ହରିଜନ ସାହିରେ ନଳକୂପ ଖନନ କଲେ ମଧ୍ୟ ତାହା ସଫଳ ହୋଇପାରୁ ନାହିଁ। ବର୍ତ୍ତମାନ ପରିସ୍ଥିତିରେ ପଞ୍ଚାୟତ ତରଫରୁ ଟ୍ୟାଙ୍କର ଯୋଗେ ପିଇବା ପାଣି ଯୋଗାଇ ଦିଆଯିବ ଏବଂ ଆଗାମୀ ଦିନରେ ସାହିରେ ଏକ ଖୋଲାକୂପ ଖନନ ଦିଗରେ ପଦକ୍ଷେପ ନିଆଯିବ।



ସାହି ମହିଳାମାନେ ନଦୀରୁ ଚୁଆପାଣି ସଂଗ୍ରହ କରି ଆଣୁଛନ୍ତି।

# ଯୁବକଙ୍କ ମୃତଦେହ ଗାରେ ପହଞ୍ଚିଲା

**ବୈତରଣୀରେ ଭାସିଯାଇ ମୃତ୍ୟୁ ଘଟଣା**

■ ପରିବାରକୁ ଆର୍ଥିକ ସହାୟତା ଦାବି

ଜୁନାଗଡ଼,୭।୫(ଡି.ଏନ.ଏ)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଚିଲିଗୁଡା ଗ୍ରାମର ସୋମନାଥ ପଟେଲ (୩୯)ପରିବାର ପ୍ରତିପୋଷଣ ପାଇଁ ଯାଜପୁର ଠାରେ ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବରେ କାମ କରୁଥିଲେ। ଶୁକ୍ରବାର ବୈତରଣୀ ନଦୀ ବ୍ୟାରେଜରେ ଶ୍ରମିକ ଭାବରେ କାମ କରୁଥିଲେ। କାମ ସାରି ଗାଧୋଇବାକୁ ନିର୍ମାଣାଧିନ ବ୍ୟାରେଜ ପାଖକୁ ଯାଉଥିବା ସମୟରେ ହଠାତ ପାଣିର ପ୍ରଖର ସ୍ରୋତରେ ଭାସିଯାଇ ମୃତ୍ୟୁବରଣ କରିଥିଲେ। ଯାଜପୁରଠାରେ ମୃତଦେହ ବ୍ୟବଚ୍ଛେଦ ପରେ ଶୁକ୍ରବାର ରାତିରେ ନିଜ ଜନ୍ମମାଟି ଚିଲିଗୁଡାକୁ ପହଞ୍ଚି ଥିଲା। ମୃତଦେହ ପହଞ୍ଚିଲା ପରେ ଗାଁରେ ଓ ପରିବାରବର୍ଗ ମଧ୍ୟରେ ଗଭୀର ଶୋକାକୁଳ ପରିବେଶ ଦେଖିବାକୁ ମିଳିଥିଲା। ଶନିବାର ସକାଳେ ସ୍ଥାନୀୟ ହାତୀ ନଦୀଠାରେ ସତ୍କାର କରାଯାଇଥିଲା। ସୋମନାଥ ପଟେଲ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ପରିବାର କହିଲେ ରୋଗିଣୀ ମା, ସ୍ତ୍ରୀ, ଦୁଇ ଝିଅ ଏବଂ ଗୋଟିଏ ପୁଅ ରହିଛନ୍ତି। ଜମିବାଡ଼ି ବୋଲି କିଛି ନାହିଁ। କାମ କଲେ ପରିବାର ପ୍ରତିପୋଷଣ ହୋଇଥାଏ। ଏବେ ଘରେ କିଏ ମଧ୍ୟ ରୋଜଗାର କରିବାର ବ୍ୟକ୍ତି ନ ଥିବା ବେଳେ ପରିବାର କେମିତି ଚଳିବ ସେହି ଚିନ୍ତାରେ ସ୍ତ୍ରୀ ଏବଂ ରୋଗଣୀ ମା ଅଛନ୍ତି। ଏହି ପରିବାର ପ୍ରତି ଜିଲା ପ୍ରଶାସନ ପକ୍ଷରୁ କିଛି ଆର୍ଥିକ ସହଯୋଗ କରିବାକୁ ଚିଲିଗୁଡା ଗ୍ରାମବାସୀ ଦାବି କରିଛନ୍ତି।

# ବିଧାୟକ ପଦ ରଦ୍ଦ ଦାବିକଲା ଆଦିବାସୀ ସଙ୍ଗଠନ



ଆଦିବାସୀ ସଙ୍ଗଠନ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଝାରସୁଗୁଡ଼ା ଅଫିସ,୭।୫

**ତିଲେଇବଣୀ ବିଡିଓଙ୍କୁ ଆକ୍ରମଣ ଘଟଣା**

କ୍ରମାଗତଭାବେ ଆଦିବାସୀ ଜନପ୍ରତିନିଧି, ସରକାରୀ ଅଧିକାରୀ ଓ ସାଧାରଣ ଲୋକଙ୍କ ଉପରେ ଆକ୍ରମଣ ହେବାରେ ଲାଗିଛି। ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭା ଓ ସମ୍ମିଳିତ ଆଦିବାସୀ ସମାଜ ତରଫରୁ ଶନିବାର କୋଲାବିରା ଓ ଲଇକେରା ବ୍ଲକ୍ ବିଡିଓଙ୍କ ଜରିଆରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ ରହିଛି ଗତ ୩୦ତାରିଖରେ ଦେବଗଡ ବିଧାୟକ ସୁବାସ ପାଣିଗ୍ରାହୀ ତାଙ୍କ ସମର୍ଥକଙ୍କ ସହିତ ତିଲେଇବଣୀ ବ୍ଲକ୍ ବିଡିଓ କୃଷ୍ଣଚନ୍ଦ୍ର ଦଳପତିଙ୍କୁ ଆକ୍ରମଣ କରିଛନ୍ତି। ବିଡିଓ ଦଳପତି ଆଦିବାସୀ ଶ୍ରେଣୀର। ତାଙ୍କୁ ଜଣେ ବଧାୟକ ଏଭଳି ବ୍ୟବହାର କରିବା ନିନ୍ଦନୀୟ ଘଟଣା । ବିଡିଓଙ୍କ ଅଭିଯୋଗକୁ ଭିତ୍ତିକରି ସମ୍ପୃକ୍ତ ବିଧାୟକଙ୍କୁ ଗିରଫ କରାଯାଇଛି। ହେଲେ ତାଙ୍କ ବିରୋଧରେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ତାଙ୍କର ବିଧାୟକ ପଦ ରଦ୍ଦ କରିବାପାଇଁ ଦାବିପତ୍ରରେ ଉଲ୍ଲେଖ ଅଛି।

# ପ୍ରତାରଣା: ମହିଳା ଥାନାର ଦ୍ୱାରସ୍ଥ

ଜମନକିରା,୭।୫(ଡି.ଏନ.ଏ.)

ଜମନକିରା ଥାନା ଅଞ୍ଚଳର ଜଣେ ବିଧବା ପ୍ରତାରଣାର ଶିକାର ହୋଇ ଶନିବାର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ମହିଳାଙ୍କ ସ୍ୱାମୀ କିଛିବର୍ଷ ତଳେ ଖରାପ ହେବା ପରେ ସେ ଜଣେ ଯୁବକଙ୍କ ସହ ପ୍ରେମ ସମ୍ପର୍କ ରଖିଥିଲେ। ଯୁବକ ଜଣକ ବିବାହର ପ୍ରତିଶ୍ରୁତି ଦେଇ ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ହେଲେ ପରେ ଯୁବକ ଜଣକ ବିବାହ ପାଇଁ ଅରାଜି ହେବାରୁ ମହିଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ଅର୍ଦ୍ଧଦଗ୍ଧ ଶିଶୁକନ୍ୟା ଏସ୍‌ସିବି ସ୍ଥାନାନ୍ତର

ଦେବଗଡ଼ ୭।୫(ଡି.ଏନ୍.ଏ.)

ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ଶୀତତାପ ନିୟନ୍ତ୍ରିତ କକ୍ଷରୁ ନିଆଁରେ ପୋଡ଼ି ଗୁରୁତର ହୋଇଥିବା ୭ବର୍ଷର ଶିଶୁକନ୍ୟା ସ୍ନେହାକୁ କାଢି ବିଧାୟକଙ୍କୁ ଶଯ୍ୟା ଦିଆଯାଇଥିଲା। ଉକ୍ତ ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ହେବା ପରେ ସ୍ୱେଚ୍ଛାସେବୀ ସଂସ୍ଥା ହାପି ଟୁ ହେଲ୍ପ ନିଜସ୍ୱ ଖର୍ଚ୍ଚରେ ଅନ୍ୟ ଏକ ଏସି କ୍ୟାବିନରେ ଭର୍ତ୍ତିକରି ଚିକିତ୍ସା ଦାୟିତ୍ୱ ନେଇଥିଲେ। ତେବେ ଅଧିକ ଅତ୍ୟାଧୁନିକ ଚିକିତ୍ସା ଆବଶ୍ୟକତା ଥିବା ଜାଣିବା ପରେ ରାଜ୍ୟ ଶ୍ରମ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ସୁଶାନ୍ତ ସିଂ ଗୁରୁତର ଶିଶୁ କନ୍ୟାର ଚିକିତ୍ସା ପାଇଁ ସହଯୋଗର ହାତ ବଢାଇଛନ୍ତି। ମନ୍ତ୍ରୀଙ୍କ ପରାମର୍ଶ କ୍ରମେ ଶନିବାର ସକାଳେ ହାପି ଟୁ ହେଲ୍ପ ସଙ୍ଗଠନର କର୍ମକର୍ତ୍ତାମାନେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଗୁରୁତର ଶିଶୁକନ୍ୟା ସ୍ନେହାକୁ ଜେଜେ କ୍ଷୀରୋଦ ଓ ଜେଜେମା ନାୟକଙ୍କ ସହ ଏକ ଆମ୍ବୁଲାନ୍ସ ଯୋଗେ କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ (ଏସ୍‌ସିବି) ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରିଛନ୍ତି। ବାପା'ମା ଛେଉଣ୍ଡ ନାତୁଣୀର ଉତ୍ତମ ଚିକିତ୍ସା ପାଇଁ ମନ୍ତ୍ରୀ ସିଂ ସହଯୋଗର ହାତ ବଢାଇଥିବା ଜାଣିବା ପରେ ବୃଦ୍ଧ ଦମ୍ପତି ଭାବବିହ୍ୱଳ ହେବା ସହ 'ହାପି ଟୁ ହେଲ୍ପ' ସଦସ୍ୟଙ୍କ ସହଯୋଗକୁ ପ୍ରଶଂସା କରିଥିଲେ। 'ହାପି ଟୁ ହେଲ୍ପ'ର ସଭାପତି ଶୁକଦେବ ଭଞ୍ଜ, ସମ୍ପାଦକ ଆଲୋକ ଅମାନ୍ତ, ବିଷ୍ଣୁ ପ୍ରସାଦ ନାୟକ, ରାଜକିଶୋର ଦାସ, ଯତୀନ କୁମାର ନାୟକ, ଦୀପନ କୁମାର ନାୟକ, କଳିତ କର, ସୁକାନ୍ତ ନାୟକ, ସୁକେନ ମୁଖୀ, ସନ୍ତୋଷ ବାର୍ଲା, ପ୍ରତାପ ଦେବ, ଶରତ ମେହେର୍ ପ୍ରମୁଖ ସହଯୋଗ କରିଥିଲେ।

■ ଚିକିତ୍ସା ପାଇଁ ହାତ ବଢାଇଲେ ମନ୍ତ୍ରୀ ସୁଶାନ୍ତ ସିଂ

■ 'ହାପି ଟୁ ହେଲ୍ପ' ସଦସ୍ୟଙ୍କ ସହାୟତାରେ ପଠାଇ ଦିଆଗଲା



# ବହୁଶୀଘ୍ର ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି

ଝାରସୁଗୁଡ଼ା ଅଫିସ,୭।୫

**ଖଣି କର୍ତ୍ତୃପକ୍ଷଙ୍କ ଯୋରାବଗା ଗ୍ରାମ ପରିଦର୍ଶନ**

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍)ଲଖନପୁର କ୍ଷେତ୍ରାଧିନ ବେଲପାହାଡ ଖୋଲାମୁହଁ କୋଇଲା ଖଣି ସମ୍ପ୍ରସାରଣ ଦ୍ୱାରା ବେଲପାହାଡ ପୌରପରିଷଦର ୧୬ନଂ ୱାର୍ଡ ଯୋରାବଗା ଗ୍ରାମ ପ୍ରଭାବିତ ହେବାରେ ଲାଗିଛି। ଭୂତଳ ଜଳ ହ୍ରାସ ପାଇବା ଫଳରେ ଗ୍ରାମରେଥିବା ପୋଖରୀ, କୂଅ, ନଳକୂପ ଆଦି ଶୁଷ୍କ ହୋଇଯାଉଛି। ଗ୍ରୀଷ୍ମ ସମୟରେ ଲୋକେ ପାଣି ଟୋପାଏ ପାଇଁ ତହଳ ବିକଳ ହେଉଛନ୍ତି। କମ୍ପାନୀ ତରଫରୁ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଇ ଦିଆଯାଉଥିଲେ ହେଁ ଏହା ଆବଶ୍ୟକତ ମେଣ୍ଟାଇପାରୁ ନାହିଁ। ସେହିପରି ଉଚ୍ଚକ୍ଷମତା ବିସ୍ଫୋରଣ ହେବା ଫଳରେ ଘରସବୁ ଭାଙ୍ଗିଯାଉଥିବାବେଳେ ଧୂଳିଧୂଆଁରେ ଗ୍ରାମ ପୋତିହୋଇ ପଡୁଛି। ତେଣୁ ଗ୍ରାମକୁ ବିସ୍ଥାପିତକରି ଅନ୍ୟତ୍ର ଥଇଥାନ ପାଇଁ ଗ୍ରାମବାସୀ ଦାବି କରିଆସୁଛନ୍ତି। ବିସ୍ଥାପିତ ହେବା ପର୍ଯ୍ୟନ୍ତ ଜଳାଶୟ ପୁନଉଦ୍ଧାର, ଗାଧୁଆଘାଟ ନିର୍ମାଣ, ସାମୂହିକ ଶୌଚାଳୟ ନିର୍ମାଣ, ପାଇପ୍ ଦ୍ୱାରା ଜଳଯୋଗଣ, ବିଛାଯାଇଥିବା ପାଣି ପାଇପ୍ ମରାମତି, ପାଣି ସିଞ୍ଚନ ଆଦି ଦାବି ପୂରଣ ପାଇଁ ଗତ ଫେବୃୟାରୀ ମାସରେ ଗ୍ରାମବାସୀ ଖଣି କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇଥିଲେ। ଦୀର୍ଘ ୩ମାସ ପରେ ଖଣି ପ୍ରକଳ୍ପ ଅଧିକାରୀ ସତ୍ୟଭୂଷଣ ବାରିକ, ସୁରକ୍ଷା ଅଧିକାରୀ ଚନ୍ଦ୍ରଶେଖର ରାଓ, ରବୀନ୍ଦ୍ର କୁମାର ଓ ସନ୍ଦୀପ କୁମାର ପ୍ରମୁଖ ଶନିବାର ଗ୍ରାମରେ ପହଞ୍ଚି ଜଳାଶୟ ପରିଦର୍ଶନ କରିବା ସହ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ବହୁଶୀଘ୍ର ଏହାର ପ୍ରତିକାର କରିବା ପାଇଁ ଖଣି କର୍ତ୍ତୃପକ୍ଷ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ ।



ଖଣି କର୍ତ୍ତୃପକ୍ଷ ସମସ୍ୟା ସମ୍ପର୍କରେ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

## ଆତ୍ମରକ୍ଷା ତାଲିମ ଶିବିର

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା କଲେଜରେ ଆତ୍ମସୁରକ୍ଷା ତାଲିମ ଶିବିର ଶନିବାର ଉଦ୍‌ଘାଟିତ ହୋଇଯାଇଛି । ୮ ଦିନ ଧରି ହେବାକୁ ଥିବା ଶିବିରକୁ କଲେଜ ଅଧ୍ୟକ୍ଷ ଗୋବିନ୍ଦ ସାହୁ ଉଦ୍‌ଘାଟନ କରିଥିଲେ । ଏଥିରେ ଯୁକ୍ତଦୁଇ ପ୍ରଥମବର୍ଷର ୧ଶହ ଛାତ୍ରୀ ତାଲିମ ନେଉଛନ୍ତି। ଅଧ୍ୟାପିକା ତଥା ସଂଯୋଜକ ଦୀପାଞ୍ଜଳି ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୫ଜଣ ପ୍ରଶିକ୍ଷିକା ତାଲିମ ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ମିଳିତ ମଞ୍ଚ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

ନୂଆପଡ଼ା ଅଫିସ୍,୭।୫: ନୂଆପଡା ଜିଲା ମିଳିତ ମଞ୍ଚ ପକ୍ଷରୁ ଶ୍ରୀମନ୍ଦିର ସୁରକ୍ଷା ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ରାଷ୍ଟ୍ରପତି, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନୂଆପଡା ଜିଲାପାଳ ସ୍ୱାଧାଦେବ ସିଂଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ପ୍ରତ୍ୟେକ ଓଡିଆଙ୍କ ସ୍ୱାଭିମାନ ଓ ପରିଚୟ ଅଟନ୍ତି ମହାପ୍ରଭୁ ଜଗତର ନାଥ ଜଗନ୍ନାଥ। ତେଣୁ ଶ୍ରୀମନ୍ଦିର ସୁରକ୍ଷା ରାଜ୍ୟ ସରକାରଙ୍କ ବୈମାତୃକ କାର୍ଯ୍ୟ ବୋଲି ନିନ୍ଦା କରି ତୁରନ୍ତ ସୁରକ୍ଷା କାର୍ଯ୍ୟ ଆରମ୍ଭ କରିବା ପାଇଁ ଦାବି କରିଛନ୍ତି। ଏକ ହଜାର ବର୍ଷର ପ୍ରାଚୀନ ମନ୍ଦିରକୁ ସରକାରଙ୍କ ସୌନ୍ଦର୍ଯ୍ୟକରଣ ଦ୍ୱାରା ବିପଦ ରହିଛି। ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ମନ୍ଦିର ପରିକ୍ରମା ପ୍ରକଳ୍ପ ଦ୍ୱାରା ମନ୍ଦିର ପରିସର ମଧ୍ୟରେ ବିରାଟ ଗର୍ତ୍ତ ଖନନ କରାଯାଇଛି। ମେଘନାଦ ପାଚେରୀ ଠାରେ ମଧ୍ୟ ଗର୍ତ୍ତ ଖନନ ଦ୍ୱାରା ମନ୍ଦିର ସୁରକ୍ଷାରେ ବିପଦ ରହିଛି। ସମଗ୍ର ଓଡ଼ିଶା ଓ ଭାରତର ଶ୍ରଦ୍ଧାଳୁଙ୍କ ଆସ୍ଥାର ପ୍ରତୀକ ପୁରୀକ୍ଷେତ୍ର। ସରକାରଙ୍କ ଏଭଳି ପଦକ୍ଷେପକୁ ଦୃଢ଼ ନିନ୍ଦା କରିବା ସହିତ ସୁରକ୍ଷା ପାଇଁ ଦାବି କରିଛନ୍ତି।

### ନର୍ଲା ପୋଲିସ ପକ୍ଷରୁ ଯାନବାହନ ଯାଞ୍ଚ

ନର୍ଲା,୭।୫ (ଡି.ଏନ୍.ଏ.): କଳାହାଣ୍ଡି ଜିଲା ନର୍ଲା ଥାନା ପୋଲିସ ପକ୍ଷରୁ ଯାନବାହନ ଯାଞ୍ଚ କଡ଼ାକଡ଼ି କରାଯାଇଛି। ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଡିଏସ୍‌ପି ସମ୍ବିତ କୁମାର ମାଝିଙ୍କ ନେତୃତ୍ୱରେ ପୋଲିସ ଟିମ୍ ଶୁକ୍ରବାର ରାତି ପ୍ରାୟ ୯ଟାରେ ନର୍ଲା ଥାନା ଓ କଲେଜ ଛକଠାରେ ଯାନବାହାନ ସହିତ ମୋଟରସାଇକେଲଗୁଡ଼ିକ ଯାଞ୍ଚ ଆରମ୍ଭ କରିଥିଲେ। ପ୍ରକାଶଥାଉକି ନର୍ଲା ଅଞ୍ଚଳରେ ଦିନକୁ ଦିନ ଦୁର୍ଘଟଣା ଘଟୁଥିବା ଏବଂ ବିଭିନ୍ନ ସମୟରେ ଡ୍ରାଇଭରମାନେ ରାତ୍ରି ସମୟରେ ମଦ ପିଇ ଗାଡ଼ି କ୍ଷିପ୍ର ଗତିରେ ଚଳେଇବା ଦ୍ୱାରା ଧନଜୀବନ କ୍ଷତି ହେଉଛି। ତେଣୁ ଏହାକୁ ନିୟନ୍ତ୍ରଣ କରିବା ସହିତ ରାତିରେ ଚୋରି ଅପରାଧୀ ନିୟନ୍ତ୍ରଣ କରିବା ପାଇଁ ନର୍ଲା ପୋଲିସ ପକ୍ଷରୁ ପ୍ରୟାସ କରାଯାଉଛି ବୋଲି ମତ ଦେଇଥିଲେ ନର୍ଲା ଥାନା ଅଧିକାରୀ ମାଝୀ। ସୂଚନାଯୋଗ୍ୟ, ରାତିରେ ମଦ ପିଇ ଗାଡ଼ି ଚଳାଉଥିବା ଦୁଇ ଜଣ ଡ୍ରାଇଭରଙ୍କୁ କୋର୍ଟ ଚାଲାଣ କରିଛି ନର୍ଲା ପୋଲିସ।

### ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରଶିକ୍ଷଣ ଶିବିର

ଲୋଇସିଂହା.୭।୫(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସଭାଗୃହରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି । ବିଡିଓ ରାମଚନ୍ଦ୍ର ଖାଡିଆ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବିଭାଗୀୟ ସହକାରୀ ଯନ୍ତ୍ର ପ୍ରସାଦ ସାମନ୍ତରାୟ ଓ କନିଷ୍ଠ ଯନ୍ତ୍ରୀ ଦେବାନନ୍ଦ ଦଳାଇ ଏଥିରେ ଯୋଗଦେଇଥିଲେ। ବ୍ଲକର ୨୦ ପଞ୍ଚାୟତର ୪୦ ହାତପମ୍ପ କାରିଗର ୧୦ଦିନ ଧରି ପ୍ରଶିକ୍ଷଣ ନେବେ। ଗ୍ରାମ୍ୟ ପାନୀୟ ଜଳ ଜିଲା ସଂଯୋଜକ ମୁକେଶ ସିଂଙ୍କ ତତ୍ତ୍ୱାବଧାନରେ ଧନଜୀତ ଭାଗତ ଗ୍ରାମାଞ୍ଚଳରେ ପାଇପ ସଂଯୋଗୀକରଣ, ନଳକୂପ ମରାମତି, ରକ୍ଷଣାବେକ୍ଷଣ ଉପରେ ପ୍ରଶିକ୍ଷଣ ଦେଉଛନ୍ତି।

# ଯୋଜନାବଦ୍ଧ ହତ୍ୟା: ପରିବାର

ବଲାଙ୍ଗୀର ଅଫିସ,୭।୫


ଏସ୍‌ପି ନୀତିନ କୁଶଲକରଙ୍କୁ ମୃତ ଯନ୍ତ୍ରୀଙ୍କ ପରିବାର ଓ କନିଷ୍ଠ ଯନ୍ତ୍ରୀ ସଂଘ ସଦସ୍ୟ ଦାବିପତ୍ର ପ୍ରଦାନ କରୁଛନ୍ତି।

**ପାଟଣାଗଡ ବ୍ଲକ କନିଷ୍ଠ ଯନ୍ତ୍ରୀଙ୍କ ମୃତ୍ୟୁ ଘଟଣା**

- ଏସ୍‌ପି କହିଲେ ସବୁ ଦିଗକୁ ତଦନ୍ତ କରାଯିବ
- ଏସ୍‌ପିଙ୍କୁ ଭେଟିଲେ ପରିବାରବର୍ଗ, କନିଷ୍ଠ ଯନ୍ତ୍ରୀ ସଂଘ ସଦସ୍ୟ

ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ସୁରେଶ ଚନ୍ଦ୍ର ସାହୁ (୫୫)ଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ଶୁକ୍ରବାର ବନକାବିହାର ଗାଁ ନିକଟ ଏକ କପା କିଆରିରୁ ଉଦ୍ଧାର କରାଯାଇଥିଲା। ଶନିବାର ମୃତ ଯନ୍ତ୍ରୀ ସାହୁଙ୍କ ପରିବାର ଲୋକେ ଏହା ଏକ ଯୋଜନାବଦ୍ଧ ହତ୍ୟା ଅଭିଯୋଗ କରିଛନ୍ତି। ଏନେଇ ଏସ୍‌ପି ନୀତିନ କୁଶଲକରଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଏହି ଘଟଣାର ବିଧିବଦ୍ଧ ତଦନ୍ତ କରି ଦୋଷୀ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

ଶୁକ୍ରବାର ପାଟଣାଗଡଠାରୁ ୧୨କିଲୋମିଟର ଦୂର ବନକାବିରା ଗାଁ ନିକଟ ଏକ କପା କିଆରିରୁ ଯନ୍ତ୍ରୀ ସାହୁଙ୍କ ମୃତଦେହକୁ ପାଟଣାଗଡ ଥାନା ପୋଲିସ ଉଦ୍ଧାର କରିଥିଲା। ମିଳିଥିବା ସୂଚନା ମୁତାବକ ଗୁରୁବାର କନିଷ୍ଠ ଯନ୍ତ୍ରୀ ସାହୁ ଯୋଗୀମୁଣ୍ଡା ସ୍କୁଲ କୋଠା ଉନ୍ନୟନ କାର୍ଯ୍ୟ ତଦାରଖ କରିବାକୁ ଯାଇଥିଲେ। ସେଠାରେ ସେ ଗୁରୁବାର ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ରହି ପାଟଣାଗଡ ଅଭିମୁଖେ ଆସିଥିଲେ। ଯନ୍ତ୍ରୀ ସାହୁ ପାଟଣାଗଡ ବ୍ରହ୍ମପୁରାଠାରେ ଏକ ଭଡାଘରେ ଏକାକି ରହୁଥିଲେ। ଗୁରୁବାର ଯୋଗୀମୁଣ୍ଡାଠାରୁ ସେ ଆଉ ଘରକୁ ଫେରିଥିଲେ କି ନାହିଁ ତାହା ଜଣାପଡିନାହିଁ। ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟାରେ କନିଷ୍ଠ ଯନ୍ତ୍ରୀ ସାହୁଙ୍କ ମୃତଦେହ କପାକିଆରିରେ ପଡିଥିବା ଜଣାପଡିଥିଲା। ତେବେ ସେ କପା କିଆରିକୁ କିଭଳି ଗଲେ ଓ ସେଠାରେ ତାଙ୍କର କେଉଁ ପରିସ୍ଥିତିରେ ମୃତ୍ୟୁ ଘଟିଲା ତାହା ସ୍ପଷ୍ଟ ହୋଇନାହିଁ। ଯନ୍ତ୍ରୀ ସାହୁଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ଭୀମ ଭୋଇ ମେଡିକାଲ କଲେଜ ଶବାଗାରରେ ରଖାଯାଇଥିଲା।

ଶନିବାର ସକାଳେ ତାଙ୍କ ପରିବାର ଲୋକେ କଟକ ଜିଲା ଗୋବିନ୍ଦପୁର ଥାନା ଗୋପାଳନଗର ଗାଁରୁ ବଲାଙ୍ଗୀର ପହଞ୍ଚିବା ପରେ ବ୍ୟବଚ୍ଛେଦ ଆରମ୍ଭ କରାଯାଇଥିଲା। ଏସ୍‌ପି କୁଶଲକର, ପାଟଣାଗଡ ଏସ୍‌ଡିପିଓ ଜ୍ୟୋର୍ତିମୟ ଭୁକ୍ତା ବ୍ୟବଚ୍ଛେଦ ସ୍ଥଳକୁ ଯାଇ ପରିବାର ଲୋକଙ୍କୁ ଭେଟିଥିଲେ। ସେଠାରେ ମୃତ ଯନ୍ତ୍ରୀ ସାହୁଙ୍କ ଭାଇ ସୁମନ୍ତ କୁମାର ସାହୁ ଲିଖିତ ଅଭିଯୋଗ ପତ୍ର ଏସ୍‌ପି କୁଶଲକରଙ୍କୁ ଦେଇଥିଲେ। ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ହୋଇଥିବା କହି ବିଧିବଦ୍ଧ ତଦନ୍ତ କରିବାକୁ ଅନୁରୋଧ କରିଥିଲେ। ଫଲ୍‌ସ ବିଲ କରିବାକୁ ନେଇ ତାଙ୍କୁ ହତ୍ୟା କରାଯାଇଥାଇପାରେ ବୋଲି ଅଭିଯୋଗ କରିଥିଲେ। ଦାବିପତ୍ର ଦେବା ସମୟରେ ଜିଲା ବ୍ଲକ୍ କନିଷ୍ଠ ଯନ୍ତ୍ରୀ ସଂଘ ସଦସ୍ୟମାନେ ଉପସ୍ଥିତ ଥିଲେ। ଏସ୍‌ପି କୁଶଲକର କହିଥିଲେ ଯେ, ଘଟଣାର ସମସ୍ତ ଦିଗକୁ ଅନୁଧ୍ୟାନ କରାଯାଉଛି। ଖୁବ୍‌ଶୀଘ୍ର ରିପୋର୍ଟ ଆସିବ ଓ ଏନେଇ ଉଚିତ୍ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା।

# ବାପାଙ୍କ ଅସ୍ଥି ବିସର୍ଜନ ପାଇଁ ଆସୁଥିବା ପୁଅ ଦୁର୍ଘଟଣାରେ ମୃତ

ନୂଆପଡା ଅଫିସ୍,୭।୫

ବାପାଙ୍କ ଅସ୍ଥି ବିସର୍ଜନ ପାଇଁ ଆସୁଥିବା ପୁଅ ସଡକ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ କୋମନା ଥାନା ଟିକ୍ରାପଡା ଗାଁର ଅମରିସ ଦଣ୍ଡସେନା (୪୨)। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଟିକ୍ରାପଡା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଛତିଶଗଡ଼ କବିରଧାମରେ ଏକ ଅଣସରକାରୀ ସଂସ୍ଥା ଆମେରିକେନ ଇଣ୍ଡିଆ ଫାଉଣ୍ଡେସନରେ କାମ କରୁଥିଲେ। ତାଙ୍କ ବାପା ଲଛମନ ଦଣ୍ଡସେନାଙ୍କ ୨୦୨୨ ଫେବୃଆରୀ ୮ରେ ମୃତ୍ୟୁ ହୋଇଥିଲା। ଶନିବାର ବାପାଙ୍କ ଅସ୍ଥିକୁ ଆହ୍ଲାବାଦ ନେଇ ବିସର୍ଜନ କରିବାର କାର୍ଯ୍ୟକ୍ରମ ରହିଥିଲା। ବାପାଙ୍କ ଅସ୍ଥି ଦର୍ଶନ କରି ଅସ୍ଥି ଘରୁ ଆହ୍ଲାବାଦ ନେବା ଉଦ୍ଦେଶ୍ୟରେ ଭୋର ୪ଟାରୁ କବିରଧାମରୁ ଏକ ବାଇକ୍ ଓଡି ୨୬ଏ ୩୭୨୬ ନଂରେ ଅମରିସ ନିଜ ଗାଁ ଟିକ୍ରାପଡାକୁ ଆସୁଥିଲେ। ୩୫୩ ନମ୍ବର ଜାତୀୟ ରାଜପଥ ଘାଟିପଡାଠାରେ ପଛପଟୁ ଏକ ଗାଡି ଧକ୍କା ଦେବାରୁ କଲଭର୍ଟରେ ପିଟି ହୋଇଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଲଖନା ଥାନା ପୋଲିସ ଖବରପାଇ ଘଟଣାସ୍ଥଳକୁ ଆସି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ।

# ଅନ୍ୱେଷା ଛାତ୍ରୀଛାତ୍ରଙ୍କୁ ପୁସ୍ତକ ବଣ୍ଟନ



ଅନ୍ୱେଷା ଛାତ୍ରୀଛାତ୍ରଙ୍କୁ ପୁସ୍ତକ ବଣ୍ଟନ କରାଯାଇଛି।

ଭବାନୀପାଟଣା, ୭।୫(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣା ପରଦେଶୀପଡାସ୍ଥିତ ବଚପନ ଏକାଡେମିକ ହାଇଟ୍ ପବ୍ଲିକ ସ୍କୁଲରେ ପଢୁଥିବା ଅନ୍ୱେଷା ଛାତ୍ରୀଛାତ୍ରଙ୍କୁ ଶନିବାର ମାଗଣାରେ ପୁସ୍ତକ ବଣ୍ଟନ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଏହି ସ୍କୁଲରେ ଥିବା ଚତୁର୍ଥ ଓ ପଞ୍ଚମ ଶ୍ରେଣୀର ୫୫ ଛାତ୍ରୀଛାତ୍ରଙ୍କୁ ନିଜ ପାଠ୍ୟ ପୁସ୍ତକର ବହି ବଣ୍ଟନ କରାଯାଇଥିଲା। ସ୍କୁଲ ଅଧ୍ୟକ୍ଷା ମମତା ରାଣୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ମୁକୁନ୍ଦ ରେଡ୍ଡୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ କିରାଣି କେ.ଲକ୍ଷ୍ମୀ ନାରାୟଣ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ମନ୍ଦାକିନୀ ବାଣୁଆ, ସସ୍ମିତା ସାହୁ, ସୁଶ୍ରୀତା ରଥ, ସୁନିତା ପାଢ଼ୀ, ପଲ୍ଲବୀ ନାଏକ, ସୋଫିଆ, ଶିକ୍ଷକ ସମରେନ୍ଦ୍ର ଷଡ଼ଙ୍ଗୀ, ରାମ ଅଭିଷେକ, ଦିଲରାଜ କର ପ୍ରମୁଖ ସହଯୋଗ କରିଥିଲେ।

# ମହିଳା ଗୋଷ୍ଠୀ ଉତ୍ପାଦ ବିକ୍ରି ତାଲିମ ଶିବିର

ଟିଟିଲାଗଡ଼,୭।୫ (ଡି.ଏନ.ଏ.)



ଶିବିରରେ ଉପସ୍ଥଇତ ମହିଳା ଏସ୍‌ଏଚ୍‌ଜି ତାଲିମାର୍ଥୀ ଓ ଅନ୍ୟମାନେ।

ମିଶନ ଶକ୍ତି ଯୋଜନାରେ ଡିଜିଟାଲ ମାର୍କେଟିଙ୍ଗ ମାଧ୍ୟମରେ ମହିଳା ଗୋଷ୍ଠୀଙ୍କ ଉତ୍ପାଦ ବିକ୍ରୟ ପାଇଁ ଟିଟିଲାଗଡ ଆଇସେଟ କମ୍ପ୍ୟୁଟର କେନ୍ଦ୍ରରେ ଚାଲିଥିବା ତିନିଦିନିଆ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଟିଟିଲାଗଡ ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ମିନାକ୍ଷୀ ରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ସହରାଞ୍ଚଳ ତଥା ଗ୍ରାମାଞ୍ଚଳର ୧୦ଟି ମହିଳା ଗୋଷ୍ଠୀର ୨ଜଣ ଲେଖାଏ ସଦସ୍ୟାଙ୍କୁ ବିଶେଷ ତାଲିମ ପ୍ରଦାନ କରାଯାଇଥିଲା। ଏହି ମହିଳା ଗୋଷ୍ଠୀ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ସିଲାଇ ସାମଗ୍ରୀ, ଆଚାର, ପାମ୍ପଡ, ବଡି, ଆରିସା ପିଠା, ଛତୁ, ଫିନାଇଲ ଆଦି ବିଭିନ୍ନ ସାମଗ୍ରୀ ଡିଜିଟାଲ ମାର୍କେଟିଙ୍ଗ ଜରିଆରେ ବିକ୍ରୟ କରି କିଭଳି ଲାଭବାନ ହୋଇପାରିବେ ସେ ନେଇ ତାଲିମ ଦିଆଯାଇଥିଲା। ମାଷ୍ଟର ଟ୍ରେନର ଥିଲେ ପ୍ରତିମା ତାଣ୍ଡି, ଲବ ଗୋୟଲ। ବ୍ଲକ ମିଶନ ଶକ୍ତି ସଂଯୋଜକ ପିତାମ୍ବର ବାଗ, ସହ ସଂଯୋଜକ ହୃଦାନନ୍ଦ ମାଝି ଶିବିର ପରିଚାଳନା କରିଥିଲେ।

# ପ୍ରାଥମିକ ଶିକ୍ଷକ ସଂଘ କାର୍ଯ୍ୟକାରିଣୀ ବୈଠକ



ପ୍ରାଥମିକ ଶିକ୍ଷକ ସଂଘର ଜିଲା କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ଅତିଥିମାନେ।

**ଶିକ୍ଷା ବିଭାଗ ଅଧିକାରୀ, କର୍ମଚାରୀଙ୍କ କାର୍ଯ୍ୟଶୈଳୀକୁ ନେଇ ଅସନ୍ତୋଷ**

ଭବାନୀପାଟଣା,୭।୫(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣା ଶିକ୍ଷକ ଭବନଠାରେ ପ୍ରାଥମିକ ଶିକ୍ଷକ ସଂଘର ଜିଲା କାର୍ଯ୍ୟକାରିଣୀ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ମନୋଜ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ରାଜ୍ୟ ଉପସଭାନେତ୍ରୀ ସଙ୍ଗୀତା ଦାସ, ମୁଖ୍ୟବକ୍ତା ଭାବେ ଫେଡେରେଶନର ରାଜ୍ୟ ମହାସଚିବ ଅମିୟ କୁମାର ଦାସ, ସମ୍ମାନିତ ଅତିଥି ରାଜ୍ୟ ମହିଳା ମୋର୍ଚ୍ଚା ଅଧ୍ୟକ୍ଷା ସୁଶ୍ରୀ ସୁଚିତ୍ରା ଦାସ, ଜିଲା ସାଧାରଣ ସମ୍ପାଦକ ଧୀରେନ୍ଦ୍ର କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ଶିକ୍ଷା ବିଭାଗର ବ୍ଲକ ତଥା ଜିଲାରେ ଥିବା ଅଧିକାରୀ, କିରାଣିମାନେ ମନମୁଖି କାର୍ଯ୍ୟ କରିବା ସହ ବିଭିନ୍ନ କ୍ଷେତ୍ରରେ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ହଇରାଣ କରିବା ନେଇ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାକୁ ନେଇ ଶିକ୍ଷକ ସଂଘ ପକ୍ଷରୁ ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଅତିଥିମାନେ କହିଥିଲେ। ବୈଠକ ଆରମ୍ଭରେ ୩ ରାଜ୍ୟସ୍ତରୀୟ ଅତିଥିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜିଲା ଯୁଗ୍ମ ସମ୍ପାଦକ ବୀରେନ୍ଦ୍ର ବାଗ ବୈଠକରେ ମଞ୍ଚ ପରିଚାଳନା କରିଥିଲେ। ସେହିପରି ଜିଲା ସାଙ୍ଗଠନିକ ସମ୍ପାଦକ ଅଚ୍ୟୁତ ନାଏକ ଧନ୍ୟବାଦ ଦେଇଥିଲେ। ଏହି ବୈଠକରେ ଜିଲାର ସମସ୍ତ ବ୍ଲକର କର୍ମକର୍ତ୍ତା ଯୋଗଦେଇଥିଲେ।


## ବାରିପଦା ପୌର ପରିଷଦ

ବାରିପଦା, ମୟୂରଭଞ୍ଜ-୭୫୭୦୦୧

ପତ୍ର ସଂଖ୍ୟା: 2840

### ନିଲାମ ଇସ୍ତାହାର

ତା: 7.5.2022

No.C-229:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବାରିପଦା ପୌରପରିଷଦର ନିଷ୍ପତ୍ତିମତେ ୭ ଗୋଟି ସୈରାତର ଜଉମୁଦଦିଆ ନିବିଦା (Sealed Quotation) ଆହ୍ୱାନ କରାଯାଉଅଛି । ପୌର ପରିଷଦର ନିମ୍ନଲିଖିତ ସର୍ତ୍ତ ଅନୁଯାୟୀ ଇଚ୍ଛୁକ ବ୍ୟକ୍ତିବିଶେଷ କିମ୍ବା ଅନୁଷ୍ଠାନମାନେ ନିବିଦା କାଗଜ କିଣି ତା୨୩।୫।୨୦୨୨ରିଖ ଦିବା ୧୧ ଘଟିକା ସୁଦ୍ଧା ସେଥିରେ ଆବେଦନ କରିଥିବା ସୈରାତର ସର୍ବୋଚ୍ଚ ମୂଲ୍ୟ ଦର୍ଶାଇ ନିବିଦା ଦାଖଲ କରିପାରିବେ । ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ନିବିଦା ଗ୍ରହଣୀୟ ହେବନାହିଁ । ଯେଉଁମାନଙ୍କର ସର୍ବୋଚ୍ଚ ଦର ଯଦି ସନ୍ତୋଷଜନକ ନ ହୁଏ, ତାହା ହେଲେ ପୁଣି ସାନି ନିବିଦା ଆହ୍ୱାନ କରାଯିବ । ସର୍ବୋଚ୍ଚ ଦରକୁ ଗ୍ରହଣ କରିବାକୁ ପୌର ପରିଷଦ କର୍ତ୍ତୃପକ୍ଷ ବାଧ୍ୟ ନୁହନ୍ତି । ଦରକାର ହେଲେ ସମସ୍ତ ନିଲାମକୁ କୌଣସି କାରଣ ନ ଦର୍ଶାଇ ରଦ୍ଦ କରାଯାଇପାରେ । ଦାଖଲ ହୋଇଥିବା ନିବିଦାଗୁଡ଼ିକ ସେହିଦିନ ଅର୍ଥାତ୍ ତା୨୩।୫।୨୦୨୨ରିଖ ଦିବା ୧୨ ଘ. ସମୟରେ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ନିବିଦାଦାତା ବା ସେମାନଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ପ୍ରତିନିଧି ଓ ଟେଣ୍ଡର କମିଟି ସଦସ୍ୟମାନଙ୍କ ଉପସ୍ଥିତିରେ ଖୋଲାଯିବ । ବିଶେଷ ବିବରଣୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି କାର୍ଯ୍ୟାଳୟ ୱେବ୍‌ସାଇଟ୍ **www.baripadamunicipality.in**ରେ ଓ କାର୍ଯ୍ୟାଳୟ ଖୋଲାଥିବା ଦିବସମାନଙ୍କରେ କାର୍ଯ୍ୟାଳୟରେ ବୁଝିପାରିବେ ।

| Sl. No. | Sairat Name | Lease period | Lease period for public auction | Up-set price to be fixed for upcoming year 2022-23 onward | SD amount @10% of the upset price | Cost of auction paper |
|---|---|---|---|---|---|---|
| 1 | Market Cycle Stand | May 2022-23 | One Year | Rs.19,898.00 | Rs.1,990.00 | Rs.200.00 |
| 2 | K.M.B.M. Cycle Stand | May 2022-23 | One Year | Rs.21,999.00 | Rs.2,200.00 | Rs.200.00 |
| 3 | Carts & Carriage with dog license | May 2022-23 | One Year | Rs.71,077.00 | Rs.7,108.00 | Rs.200.00 |
| 4 | Biju Pattnaik Children Park Canteen | May 2022-23 | One Year | Rs.82,999.00 | Rs.8,300.00 | Rs.200.00 |
| 5 | Baripada Market & other places except Ward No 13 & 20 (p) | May 2022-23 | One Year | Rs.29,14,216.00 | Rs.2,91,422.00 | Rs.1000.00 |
| 6 | Station Bazar Daily Market ward No.13 & 20 (p) | May 2022-23 | One Year | Rs.8,64,600.00 | Rs.86,460.00 | Rs.500.00 |
| 7 | Day Night Kacheri Market & Market & another Vehicle Stand | May 2022-23 | One Year | Rs.1,13,126.00 | Rs.11,313.00 | Rs.500.00 |

**ନିମ୍ନୋକ୍ତ ସର୍ତ୍ତାବଳୀ ଅନୁଯାୟୀ ନିବିଦା ଚୂଡ଼ାନ୍ତ କରାଯିବ ।**

1. ପୂର୍ବ ବର୍ଷର ନିଲାମ ଟଙ୍କା ବକେୟା ରଖିଥିବା ବ୍ୟକ୍ତିବିଶେଷ ବା ଅନୁଷ୍ଠାନମାନେ ନିଲାମରେ ଭାଗ ନେଇ ପାରିବେ ନାହିଁ ।
2. ନିବିଦା ଦାଖଲ କରିବା ବ୍ୟକ୍ତିବିଶେଷମାନେ ନିବିଦା (Quotation) ସହିତ Solvency Certificate ବା ନିବିଦା ମୂଲ୍ୟର ବ୍ୟାଙ୍କ Guarantee in favour of "Executive Officer, Payable at Baripada" ଦାଖଲ କରିବେ, ନଚେତ ଦାଖଲ କରିଥିବା ନିବିଦା ଗ୍ରହଣୀୟ ହେବ ନାହିଁ ।
3. ନିବିଦା ସହିତ ଆବଶ୍ୟକ S.D. Money (ଅମାନତ ଟଙ୍କା) "Banker Check or DD in favour of the Executive Officer, Baripada Municipality, Baripada payable at Baripada ଜରିଆରେ ଦାଖଲ କରିପାରିବେ ।
4. ନିବିଦାଦାତା ପୌରାଞ୍ଚଳ ଅଧିବାସୀ ହୋଇଥିବେ ଏବଂ ତାହାର ପ୍ରମାଣ ସ୍ୱରୂପ ଆବେଦନ ସମୟରେ ଆଧାର କାର୍ଡ/ଭୋଟର ଆଇ.ଡି କାର୍ଡ଼ ସହିତ ଗୃହ ଟିକସ ରସିଦର ନକଲ/ଦୋକାନ ଭଡ଼ା (ଯଦି ଦୋକାନ ଥାଏ) ଓ ଅନ୍ୟାନ୍ୟ ଟ୍ୟାକ୍ସ ୨୦୨୨–୨୩ ଆର୍ଥିକ ବର୍ଷ ପାଇଁ ପୈଠ ସମ୍ବନ୍ଧୀୟ ରସିଦର ନକଲ କପି ନିବିଦା ସହିତ ଦାଖଲ କରିବେ। ନଚେତ ତାହା ଗ୍ରହଣୀୟ ହେବନାହିଁ ।
5. ଯାହାଙ୍କ ନାମରେ ନିଲାମ ସିଦ୍ଧ ହେବ ସେ କାର୍ଯ୍ୟାଳୟରେ ସୂଚନା ପ୍ରାପ୍ତିର ୩ (ତିନି) ଦିନ ମଧ୍ୟରେ ଏକକାଳୀନ ସମସ୍ତ ଧାର୍ଯ୍ୟ ଦେୟ ମ୍ୟୁନିସିପାଲିଟି ଅଫିସରେ ପୈଠ କରିବେ। ନଚେତ ତାଙ୍କର ଜମାଥିବା ଅମାନ ଟଙ୍କା ବାଜ୍ୟାପ୍ତ କରାଯିବ ଏବଂ ସମ୍ପୃକ୍ତ ନିଲାମର ଦ୍ୱିତୀୟ ସର୍ବୋଚ୍ଚ ଦର ଉପସ୍ଥାପନ କରିଥିବା ଅନ୍ୟ ବ୍ୟକ୍ତି ବା ଅନୁଷ୍ଠାନଙ୍କୁ ନିଲାମରେ ଦିଆଯିବ ।
6. ଯେଉଁ ବ୍ୟକ୍ତିଙ୍କ ନାମରେ ନିଲାମ ସିଦ୍ଧ ହେବ ସେ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସହିତ ଆବଶ୍ୟକୀୟ ଚୁକ୍ତିପତ୍ର ନିଲାମ ଚୂଡ଼ାନ୍ତ ହେବାର ୩ (ତିନି) ଦିନ ମଧ୍ୟରେ କରିବେ ।
7. ଯେଉଁ ବ୍ୟକ୍ତିଙ୍କ ନାମରେ ନିଲାମ ସିଦ୍ଧ ହେବ, ତାଙ୍କର ଅମାନତ ଟଙ୍କା ନିଲାମ ଅବଧି ସରିଲା ପରେ ଆବେଦନ କ୍ରମେ ଫେରସ୍ତ ଦିଆଯିବ ଓ ଏହା ସହିତ ଅସିଦ୍ଧ ହୋଇଥିବା ଅନ୍ୟ ନିଲାମଧାରୀଙ୍କର ଅମାନତ ଟଙ୍କା ନିଲାମ ପ୍ରକ୍ରିୟା ସରିଲା ପରେ ଆବେଦନ କ୍ରମେ ଫେରସ୍ତ କରାଯିବ ।
8. ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦେୟର ପରିବର୍ତ୍ତନ ହେଲେ କିମ୍ବା ନିୟମରେ କୌଣସି ପରିବର୍ତ୍ତନ କରାଗଲେ ନିଲାମଧାରୀ ତାହା ପାଳନ କରିବାକୁ ବାଧ୍ୟ ରହିବେ ।
9. ଅମାନତ ଟଙ୍କା ଫେରସ୍ତ ଦେଲାବେଳେ ସେଥିରେ କୌଣସି ସୁଧ ଦିଆଯିବ ନାହିଁ କିମ୍ବା ନିବିଦା କିଣିବା ବାବଦରେ ଜମା କରିଥିବା ଟଙ୍କା ଫେରସ୍ତ ଦିଆଯିବ ନାହିଁ ।
10. ଯେଉଁ ନିଲାମଧାରୀଙ୍କର ସୈରାତ ସିଦ୍ଧ ହୋଇଥିବ ସେହି ବ୍ୟକ୍ତି ଭବିଷ୍ୟତରେ ତାହା କାର୍ଯ୍ୟକାରୀ ନ କରିପାରିଲେ ଏହି ବାବଦରେ ଜମାଥିବା ଅମାନତ ଟଙ୍କା ବାଜ୍ୟାପ୍ତ କରିବା ସହିତ ନିଲାମ ଟଙ୍କା ଫେରସ୍ତ ଦିଆଯିବ ନାହିଁ । ଏଣୁ ଏହି ପରିପ୍ରେକ୍ଷୀରେ ନିଲାମଧାରୀ ଉକ୍ତ ଟଙ୍କାକୁ ଦାବି କରିପାରିବେ ନାହିଁ ଏବଂ କୌଣସି ଆଇନ ଅଦାଲତରେ ଆଶ୍ରୟ ନେଇପାରିବେ ନାହିଁ ।

**ସ୍ୱା./- ନିର୍ବାହୀ ଅଧିକାରୀ, ବାରିପଦା ପୌରପାଳିକା**

OIPR-13078/11/0007/2223


# ସରକାରୀ ଜମି ଚିହ୍ନଟ, ସଂରକ୍ଷଣକୁ ଗୁରୁତ୍ୱ

ବଲାଙ୍ଗୀର ଅଫିସ,୭।୫


ପୁରୁଖା କଂଗ୍ରେସ ସାମୁଖ୍ୟ ପକ୍ଷରୁ ପୌରାଧ୍ୟକ୍ଷାଙ୍କ ଦାବିପତ୍ର ପ୍ରଦାନ କରାଯାଉଛି।

**ପୌରାଧ୍ୟକ୍ଷାଙ୍କ ସହ ପୁରୁଖା କଂଗ୍ରେସ ସାମ୍ମୁଖ୍ୟ ସଦସ୍ୟଙ୍କ ଆଲୋଚନା**

- ପାଣି ନିଷ୍କାସନ ହେଉଥିବା ଡ୍ରେନ୍ ନିର୍ମାଣ ପ୍ରସ୍ତାବ
- ଟାଉନ୍ ବସ୍‌ସେବା ଚଳାଚଳ କରାଯିବାକୁ ଦାବି

ବଲାଙ୍ଗୀର ସହରର ମୌଳିକ ସମସ୍ୟାର ସମାଧାନ ଏବଂ ଜନସାଧାରଣଙ୍କ ସ୍ୱାର୍ଥଦୃଷ୍ଟିରୁ ଭବିଷ୍ୟତ କାର୍ଯ୍ୟପନ୍ଥା ପ୍ରସ୍ତୁତି ନିମନ୍ତେ ପୌର କର୍ତ୍ତୃପକ୍ଷଙ୍କ ସହ ପୁରୁଖା କଂଗ୍ରେସ ସାମ୍ମୁଖ୍ୟଙ୍କ ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଥିଲା। ପୌର ପରିଷଦ ସଭାଗୃହରେ ଅନୁଷ୍ଠିତ ବୈଠକରେ ପୌରାଧ୍ୟକ୍ଷା ଲିକା ସାହୁ, ଉପାଧ୍ୟକ୍ଷ ଗାୟତ୍ରୀ ଭୋଇ, କାର୍ଯ୍ୟ ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ ଯୋଗ ଦେଇଥିଲେ ।

ସହରର ରାସ୍ତାଘାଟ ନିର୍ମାଣ, ଡ୍ରେନେଜ ସମସ୍ୟା, ସଫେଇ ଓ ପରିମଳ ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା, ପାନୀୟ ଜଳଯୋଗାଣ, ବିଦ୍ୟୁତ୍ ଆଲୋକ ବ୍ୟବସ୍ଥାରେ ସୁଧାର ସହିତ ଅଧିକ ମାନବ ସମ୍ବଳ ସଫଳ ଉପଯୋଗ ଉପରେ ଆଲୋଚନା ହୋଇଥିଲା। ପୌରପାଳିକାର ସମସ୍ତ ରାସ୍ତା ତଥା ଭୂସମ୍ପତ୍ତିର ସୁରକ୍ଷା, ସରକାରୀ ଜମି ଚିହ୍ନଟକରଣ, ସିମେଣ୍ଟ କଂକ୍ରିଟ ରାସ୍ତା ପରିବର୍ତ୍ତେ ସହରର ବିଭିନ୍ନ ପଡାରେ ପେଭରବ୍ଲକ ରାସ୍ତା ସହ ଜଳ ନିଷ୍କାସିତ ହୋଇପାରୁଥିବା ଭଳି ଡ୍ରେନ ନିର୍ମାଣ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଆମ୍ବୁଲାନ୍ସ ସେବା ପୁନଃ ଆରମ୍ଭ ସହ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟଯାନର ବ୍ୟବସ୍ଥା, ମଶା ମଶାବଂଶ ନିପାତ ନିମନ୍ତେ ମହିଳା ଏସ୍‌ଏଚ୍‌ଜି ସହଭାଗିତାରେ ମଶାତେଲ ସିଞ୍ଚନ ଓ ମଶାଧୂଆଁ ପ୍ରୟୋଗ, ଟାଉନ ବସ୍‌ସେବା ସହ ମହିଳାମାନଙ୍କ ସୁରକ୍ଷିତ ଯାତାୟତ ନିମନ୍ତେ ପିଙ୍କ ଅଟୋ ସେବା, ଟାଉନ ହଲ ଆଧୁନିକରଣ, ମ୍ୟୁନିସିପାଲିଟି କାର୍ଯ୍ୟାଳୟରେ ସର୍ବସାଧାରଣଙ୍କ ନିମନ୍ତେ ପ୍ରତୀକ୍ଷାଳୟ, ଟିକ୍ରାପଡା ପାର୍କିଙ୍ଗସ୍ଥଳରେ ଭେଣ୍ଡିଂ ଜୋନ ନିର୍ମାଣ ସହିତ ଉଚ୍ଛେଦ ହୋଇଥିବା କ୍ଷୁଦ୍ର ବ୍ୟବସାୟୀଙ୍କୁ ଥଇଥାନ, ଖାଦ୍ୟ ସୁରକ୍ଷା ଏବଂ ଜାଗା ମିଶନ ଯୋଜନାରୁ ବାଦ୍ ପଡିଥିବା ହିତାଧିକାରୀଙ୍କୁ ଚିହ୍ନଟ ଓ ତାଲିକାଭୁକ୍ତ କରାଯିବା ଉପରେ ଆଲୋଚନା ହୋଇଥିଲା। ସହରର ଚତୁଃପାର୍ଶ୍ୱରେ ବୃକ୍ଷରୋପଣ ପୂର୍ବକ ଏକ ସବୁଜ ବଳୟ ସୃଷ୍ଟି କରିବା, ସ୍ଥାନୀୟ କଲେଜ ଛକ ଅଞ୍ଚଳରେ ଏକ ପରିବା ଓ ମାଛ ମାଂସ ବଜାର ସ୍ଥାପନ, ସହରର ପ୍ରମୁଖ ସ୍ଥାନଗୁଡିକରେ ଶୀତଳ ପାନୀୟ ଜଳ ଉପଲବ୍ଧ କରାଯିବା ପ୍ରସ୍ତାବ ଦିଆଯାଇଥିଲା। ଗଠନମୂଳକ ପ୍ରସ୍ତାବକୁ ପୌର ପରିଷଦ ପକ୍ଷରୁ ସ୍ୱାଗତ କରାଯାଇ ଏଦିଗରେ ଆଗାମୀ ଦିନରେ ଉଚିତ୍ ପଦକ୍ଷେପ ନିଆଯିବ ବୋଲି ପୌରାଧ୍ୟକ୍ଷା ସାହୁ ଓ ନିର୍ବାହୀ ଅଧିକାରୀ ଦୀପ କହିଥିଲେ। ବୈଠକରେ ସାମ୍ମୁଖ୍ୟର ପୂର୍ବତନ ନଗର ସଭାପତି ଅଶୋକ ତ୍ରିପାଠୀ, ସୁଦାମ ସାହୁ, ପୂର୍ବତନ କାଉନସିଲର ଭଞ୍ଜ କିଶୋର ନାଗ, ରଙ୍କଧର ମଲ୍ଲିକ, ନିଥନିଏଲ ଛତ୍ରିଆ, ପ୍ରବୀଣ କୁମାର ପାଣ୍ଡେ, ଅଖଣ୍ଡ ସେଠ୍, ଭୁବନେଶ୍ୱର ସେଠ, ସମୀର କୁମାର ସାହାଣୀ, ଗୌରଚନ୍ଦ୍ର ପୁରୋହିତ, ଡା. ପ୍ରଭାତ କୁମାର ଗୁରୁ, ସୁଶୀଳ ବେହେରା, ସୁରେନ୍ଦ୍ର ସାହୁ, ଗ୍ଲାଡଷ୍ଟୋନ ତାଣ୍ଡି, ସଞ୍ଜୟ କୁମାର ଦୋରା, ବାଳମୁକୁନ୍ଦ ମାଝି, ହାଡୁ ଜେନା, ବିଜୟ କୁମାର ତାଣ୍ଡି, ପୂର୍ବତନ ପିସିସି ସଭ୍ୟ ଅସୀମ ପଟ୍ଟନାୟକ ଆଲୋଚନା କରିଥିଲେ।

**ଟ୍ୟାଙ୍କରରେ ପାଣି ଯୋଗାଇଲେ ସରପଞ୍ଚ**

ପଦ୍ମପୁର,(ଡି.ଏନ.ଏ): ତାତି ବଢ଼ିବା ସହିତ ବରଗଡ ଜିଲା ପଦ୍ମପୁର ବ୍ଲକ ବରିକେଲ ପଞ୍ଚାୟତର ଚାରପାଲି ଗ୍ରାମରେ ପାନୀୟ ଜଳର ଉତ୍କଟ ଅଭାବ ଦେଖାଦେଇଛି। ଫଳରେ ଲୋକମାନେ ପାନୀୟ ଜଳ ପାଇ କଷ୍ଟ ଭୋଗୁଛନ୍ତି। ଜନସଂଖ୍ୟା ଅନୁସାରେ ପାନୀୟ ଜଳର ସୁବିଧା ନ ଥିବାରୁ ଗ୍ରୀଷ୍ମ ପ୍ରବାହରେ ଦୁଃଖ ବଢ଼ିଯାଇଛି। ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ଜନସାଧାରଣଙ୍କ ଏଭଳି ଦୁଃଖ ଦେଖି ବରିକେଲ ସରପଞ୍ଚ ଦୀନେଶ ସେଠ ସେମାନଙ୍କ ପାଇଁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ବ୍ୟବସ୍ଥା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଇନ୍ଦ୍ରଜିତ ପାତ୍ର ସହଯୋଗ କରିଥିଲେ।



## ସଂକ୍ଷେପରେ

### ବିଦ୍ୟୁତ୍ ସଂଯୋଗ ଦେବାରେ ପାତରଅନ୍ତର ନୀତି

ଲୋଇସିଂହା,୭।୫(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ବିଦ୍ୟୁତ ବିଭାଗର ବିଚିତ୍ର ନୀତି ଦେଖିବାକୁ ମିଳିଛି। ରୁଗୁଡିଖାଲ ଅଞ୍ଚଳରେ ଘର ନ ଥାଇ ପଡିଆ ଜମିରେ ଘରୋଇ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ଅପରପକ୍ଷେ ମାସମାସ ହେଲା ଆବେଦନ କରି ମଧ ସଂଯୋଗ ଦିଆଯାଉନାହିଁ। ବିନା ବିଦ୍ୟୁତ୍‌ରେ ରହିବା ସମ୍ଭବ ନୁହେଁ। ତେଣୁ ଘର ନିର୍ମାଣ ପୂର୍ବରୁ ଲୋକେ ବିଦ୍ୟୁତ୍ ବିଭାଗ ନିକଟରେ ସଂଯୋଗ ପାଇଁ ଆବେଦନ କରୁଛନ୍ତି। ଆବଶ୍ୟକସ୍ଥଳରେ ଖୁଣ୍ଟ ପାଇଁ ଟଙ୍କା ଜମା ଦିଆଯାଉଛି। ହେଲେ ବିଦ୍ୟୁତ୍ ବିଭାଗର ପାତରଅନ୍ତର ନୀତି ଯୋଗୁ ଶହଶହ ଆବେଦନକାରୀ ସଂଯୋଗ ପାଇବାରୁ ବଞ୍ଚିତ ହେଉଛନ୍ତି। ଅଥଚ ରୁଗୁଡିଖାଲ ଅଞ୍ଚଳରେ ଘରଦ୍ୱାର ନଥିବା ପଡିଆ ଜମିରେ ବିଦ୍ୟୁତ ସଂଯୋଗ ଦିଆଯାଇ ମିଟର ବସାଯିବାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ଦାବି ହେଉଛି।

### ପଳସା ଗଛରୁ ପାଣି ଝରୁଛି

ବିନିକା,୭।୫(ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଭଣ୍ଡାର ପଞ୍ଚାୟତ ଅନ୍ତର୍ଗତ ଝାରକଦଳୀପାଲି ଗାଁ ପ୍ରାଥମିକ ସ୍କୁଲ ନିକଟରେ ଥିବା ଏକ ପଳସା ଗଛରୁପାଣି ଝରୁଛି। ପ୍ରାୟ ୨୦ବର୍ଷର ଏହି ପୁରୁଣା ଗଛରେ ଫୁଲ କି ଫଳ ନଥିବା ବେଳେ ଶନିବାର ସନ୍ଧ୍ୟାରୁ ଗଛରୁ ପାଣି ଝରିବା ଆରମ୍ଭ କରିଛି। ତଳେ ଛିଡା ହେଉଥିବା ଲୋକେ ଭିଜି ଓଦା ହୋଇ ଯାଉଛନ୍ତି। ଖରାଦିନରେ ଗଛ ଉପରୁ ବର୍ଷା ଭଳି ପାଣି ଝରିବା ଦେଖି ଗ୍ରାମବାସୀ ବିଶ୍ୱାସ କରି ପାରୁନାହାନ୍ତି। ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମବାସୀ ଓ ଆଖପାଖ ଅଞ୍ଚଳର ଲୋକେ ଗଛ ନିକଟରେ ଭିଡ ଜମାଇଛନ୍ତି। ଗ୍ରାମର ସୁରଜ ଥାର୍ଟି, ଶ୍ୟାମ ପଧାନ, ନାରାୟଣ ପୋଢ଼, ରୋହିତ ବିଶି ଓ ଅନନ୍ତ ପଧାନ ପ୍ରମୁଖ ଗଛରେ ଭଗବାନ ବିରାଜମାନ କରିଥିବା କହିଛନ୍ତି। ଏ ସମ୍ପର୍କରେ ସୁବର୍ଣ୍ଣପୁରର ସହକାରୀ ବନ ସଂରକ୍ଷକ ପ୍ରଫୁଲ୍ଲ ଧରୁଆ କୁହନ୍ତି, ଆମ ନିକଟରେ କୌଣସି ସୂଚନା ନାହିଁ। ତେବେ କେଉଁ କାରଣରୁ ଗଛର ଡାଳ ଓ ପତ୍ରରୁ ତରଳ ପଦାର୍ଥ ଭଳି ଝରୁଛି ସକାଳେ ଦେଖିଲେ ସ୍ପଷ୍ଟ ହେବ ବୋଲି କହିଥିଲେ।

# ବିଦ୍ୟୁତ୍ ବିଭ୍ରାଟରୁ ଜଳଯୋଗାଣ ବାଧାପ୍ରାପ୍ତ

ବଲାଙ୍ଗୀର ଅଫିସ, ୭।୫



ସମୀକ୍ଷା ବୈଠକରେ ପୌରାଧ୍ୟକ୍ଷା ଲିକା ସାହୁ, ଉପାଧ୍ୟକ୍ଷା ଗାୟିତ୍ରୀ ଭୋଇ ଓ ଅନ୍ୟମାନେ।

**ବଲାଙ୍ଗୀର ସହରରେ ପାନୀୟ ଜଳସଙ୍କଟର ମୁକାବିଲା**

- ବିକଳ୍ପ ଜେନେରେଟର ବ୍ୟବସ୍ଥା ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଯିବ
- ବୁଦେଲମୁଣ୍ଡା ଇନ୍‌ଟେକ୍ ୱେଲ ବୁଲିଲେ ପୌରଧକ୍ଷା, ଉପାଧକ୍ଷା
- ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ସହ କଲେଜ ସମୀକ୍ଷା ବୈଠକ

ବଲାଙ୍ଗୀର ସହରରେ ଗ୍ରୀଷ୍ମଦିନରେ ପାନୀୟ ଜଳ ସମସ୍ୟା ଉତ୍କଟ ଆକାର ଧାରଣ କରିଛି। ଅନେକ ପଡାକୁ ପାନୀୟ ଜଳ ପହଞ୍ଚି ପାରୁନାହିଁ। ଲୋକେ ପାଣି ନ ପାଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ସମସ୍ୟାର ସ୍ଥାୟୀ ପ୍ରତିକାର ସହ ସହରକୁ ଆବଶ୍ୟକ ପାନୀୟ ଜଳଯୋଗାଣ ବ୍ୟବସ୍ଥା କରିବାକୁ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ କରାଯାଇଛି। ପୌରାଧକ୍ଷା ଲିକା ସାହୁ, ଉପାଧକ୍ଷା ଗାୟତ୍ରୀ ଭୋଇ ସହରକୁ ଜଳଯୋଗାଣ ହେଉଥିବା ସୁବର୍ଣ୍ଣପୁର ଜିଲା ବୁଦେଲମୁଣ୍ଡା ତେଲନଦୀସ୍ଥିତ ଇନ୍‌ଟେକ ୱେଲ ପରିଦର୍ଶନରେ ଯାଇଥିଲେ। ସେଠାରେ ଜଳସ୍ତର ରହିଥିଲେ ମଧ ବିଦ୍ୟୁତ୍ ବିଭ୍ରାଟ କାରଣରୁ କିଭଳି ପାନୀୟ ଜଳଯୋଗାଣ ବାଧାପ୍ରାପ୍ତ ହେଉଛି ତାହା ନିରୀକ୍ଷଣ କରିଥିଲେ। ସେଠାରୁ ପୌର ପରିଷଦ ଟିମ୍ ଶିବତଳାସ୍ଥିତ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ବଲାଙ୍ଗୀର ଜନସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

ବଲାଙ୍ଗୀର ସର୍କିଟ ହାଉସଠାରେ ଏକ ସମୀକ୍ଷା ବୈଠକ ଆୟୋଜନ କରାଯାଇଥିଲା। ଉକ୍ତ ବୈଠକରେ ପୌର ପରିଷଦ ଟିମ୍, କାଉନସିଲ ଓ ଜନସ୍ୱାସ୍ଥ୍ୟ ବିଭାଗ ଅଧକାରୀ ଉପସ୍ଥିତ ଥିଲେ। ପୌରାଧକ୍ଷା ସାହୁ କହିଥିଲେ ଯେ, ପୂର୍ବରୁ ସୁବର୍ଣ୍ଣପୁର ଜିଲା ନନ୍ଦନମାଳସ୍ଥିତ ମହାନଦୀରୁ ବଲାଙ୍ଗୀର ସହରକୁ ପାନୀୟ ଜଳଯୋଗାଣ ହେଉଥିଲା। ବିଭିନ୍ନ ସ୍ଥାନରେ ଉକ୍ତ ପାଇପ ଫଟାଯିବା କାରଣରୁ ଏହି ସ୍ଥାନରୁ ପାଣି ଯୋଗାଣ ବନ୍ଦ ହୋଇଛି। ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ ଏବଂ ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓଙ୍କ ପ୍ରସ୍ତାବକ୍ରମେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୩ ମସିହାରେ ୫୫ କୋଟି ଟଙ୍କା ମଞ୍ଜୁର କରି ବଲାଙ୍ଗୀରକୁ ତେଲନଦୀରୁ ପାଣି ଯୋଗାଣ ବ୍ୟବସ୍ଥା କରିଥିଲେ। ଏବେ ଏହିଠାରୁ ପାଣି ଯୋଗାଣ ହେଉଛି। ଏଠାରେ ଲାଗିରହିଥିବା ବିଦ୍ୟୁତ୍ ସମସ୍ୟା ସମାଧାନ ପାଇଁ ରାଜ୍ୟ ସରକାରଙ୍କୁ ୩ଟି ଜେନେରେଟର ପ୍ରଦାନ ପାଇଁ ଅନୁରୋଧ କରାଯିବ। ଏହାହେଲେ ଏଠାରେ ନିରନ୍ତର ବିଜୁଳି ବେକ୍‌ଅଫ୍ ରହିବ ଓ ଜଳଯୋଗାଣ ସୁଚାରୁରୂପେ ସମ୍ପାଦିତ ହେବ। ଖୁବ୍‌ଶୀଘ୍ର ରାଜ୍ୟ ସରକାରଙ୍କୁ ଏନେଇ ପୌର ପରିଷଦ ପକ୍ଷରୁ ପ୍ରସ୍ତାବ ଦିଆଯିବ ବୋଲି ସେ କହିଥିଲେ। ଏହା ସହିତ ନନ୍ଦନମାଳ ପ୍ରକଳ୍ପକୁ ମଧ୍ୟ ପୁଣି ଥରେ କାର୍ଯ୍ୟକ୍ଷମ କରାଯିବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯିବ ବୋଲି ସେ କହିଥିଲେ। ସମୀକ୍ଷା ବୈଠକରେ ଜନସ୍ୱାସ୍ଥ୍ୟ ବିଭାଗ ଅଧକ୍ଷଣ ଯନ୍ତ୍ରୀ ପାର୍ବତୀ ମୋହନ ପରିଡା ଉପସ୍ଥିତ ଥିଲେ।

### ଯୁବକଙ୍କ ମୃତଦେହ ଗାଁରେ ପହଞ୍ଚିଲା

**ବୈତରଣୀରେ ଭାସିଯାଇ ମୃତ୍ୟୁ ଘଟଣା**

- ପରିବାରକୁ ଆର୍ଥିକ ସହାୟତା ଦାବି

ଜୁନାଗଡ଼,୭।୫(ଡି.ଏନ.ଏ)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଚିଲିଗୁଡା ଗ୍ରାମର ସୋମନାଥ ପଟେଲ (୩୯)ପରିବାର ପ୍ରତିପୋଷଣ ପାଇଁ ଯାଜପୁର ଠାରେ ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବରେ କାମ କରୁଥିଲେ। ଶୁକ୍ରବାର ବୈତରଣୀ ନଦୀ ବ୍ୟାରେଜରେ ଶ୍ରମିକ ଭାବରେ କାମ କରୁଥିଲେ। କାମ ସାରି ଗାଧୋଇବାକୁ ନିର୍ମାଣାଧିନ ବ୍ୟାରେଜ ପାଖକୁ ଯାଉଥିବା ସମୟରେ ହଠାତ ପାଣିର ପ୍ରଖର ସ୍ରୋତରେ ଭାସିଯାଇ ମୃତ୍ୟୁବରଣ କରିଥିଲେ। ଯାଜପୁରଠାରେ ମୃତଦେହ ବ୍ୟବଚ୍ଛେଦ ପରେ ଶୁକ୍ରବାର ରାତିରେ ନିଜ ଜନ୍ମମାଟି ଚିଲିଗୁଡାକୁ ପହଞ୍ଚି ଥିଲା। ମୃତଦେହ ପହଞ୍ଚିଲା ପରେ ଗାଁରେ ଓ ପରିବାରବର୍ଗ ମଧ୍ୟରେ ଗଭୀର ଶୋକାକୁଳ ପରିବେଶ ଦେଖିବାକୁ ମିଳିଥିଲା। ଶନିବାର ସକାଳେ ସ୍ଥାନୀୟ ହାତୀ ନଦୀଠାରେ ସତ୍କାର କରାଯାଇଥିଲା। ସୋମନାଥ ପଟେଲ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଥିଲେ। ପରିବାର କହିଲେ ରୋଗିଣୀ ମା, ସ୍ତ୍ରୀ, ଦୁଇ ଝିଅ ଏବଂ ଗୋଟିଏ ପୁଅ ରହିଛନ୍ତି। ଜମିବାଡ଼ି ବୋଲି କିଛି ନାହିଁ। କାମ କଲେ ପରିବାର ପ୍ରତିପୋଷଣ ହୋଇଥାଏ। ଏବେ ଘରେ କିଏ ମଧ ରୋଜଗାର କରିବାର ବ୍ୟକ୍ତି ନ ଥିବା ବେଳେ ପରିବାର କେମିତି ଚଳିବ ସେହି ଚିନ୍ତାରେ ସ୍ତ୍ରୀ ଏବଂ ରୋଗଣୀ ମା ଅଛନ୍ତି। ଏହି ପରିବାର ପ୍ରତି ଜିଲା ପ୍ରଶାସନ ପକ୍ଷରୁ କିଛି ଆର୍ଥିକ ସହଯୋଗ କରିବାକୁ ଚିଲିଗୁଡା ଗ୍ରାମବାସୀ ଦାବି କରିଛନ୍ତି।

# ଗ୍ରାମାଞ୍ଚଳ ବିକାଶକୁ ପ୍ରାଥମିକତା



ବଲାଙ୍ଗୀର ସଦର ବ୍ଲକ୍‌ର ପ୍ରଥମ ସମିତି ବୈଠକରେ ମଞ୍ଚାସୀନ ଜନପ୍ରତିନିଧି ଓ ବ୍ଲକ୍ ଅଧିକାରୀ, କର୍ମଚାରୀ।

ବଲାଙ୍ଗୀର ଅଫିସ, ୭।୫

**ବଲାଙ୍ଗୀର ସଦର ପଞ୍ଚାୟତ ସମିତି ପ୍ରଥମ ବୈଠକ**

ବଲାଙ୍ଗୀର ସଦର ପଞ୍ଚାୟତ ସମିତିର ପ୍ରଥମ ବୈଠକ ବ୍ଲକ ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧକ୍ଷା ସରିତା ବାଗଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ନବନିର୍ବାଚିତ ଅଧକ୍ଷା ବାଗ, ଉପାଧକ୍ଷା ପୁଷ୍ପାଞ୍ଜଳି ହୋତା, ୨୫ପଞ୍ଚାୟତର ସମିତି ସଭ୍ୟାସଭ୍ୟ, ସରପଞ୍ଚ, ଜିଲା ପରିଷଦ ସଦସ୍ୟା ଅନାମିକା ହୋତା, ସଙ୍ଗୀତା ସୁନା, ବିଧାୟକଙ୍କ ପ୍ରତିନିଧି ଓ ଏମ୍‌ପିଙ୍କ ପ୍ରତିନିଧିଙ୍କୁ ବିଡିଓ ପ୍ରୀତମ କୁମାର ତନ୍ତୀ ସ୍ୱାଗତ ଜଣାଇଥିଲେ। ସଭାକୁ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଦାମୋଦର ଦାସ ସଂଯୋଜନା କରିଥିଲେ। ବୈଠକରେ ପାନୀୟ ଜଳଯୋଗାଣ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଉଦ୍ୟାନ କୃଷି, ଏମ୍‌ଜିଏନ୍‌ଆରଇଜିଏ, ଗ୍ରାମୀଣ ଆବାସ ଯୋଜନା, ସାଧାରଣ ବଣ୍ଟନ ବ୍ୟବସ୍ଥା, ମତ୍ସ୍ୟ ଓ ପଶୁପାଳନ, ଆଦିବାସୀ କଲ୍ୟାଣ, ଓଡିଶା ଜୀବିକା ମିଶନ, ସାମାଜିକ ସୁରକ୍ଷା, ଶିଶୁ ଓ ମହିଳା ବିକାଶ ଯୋଜନା, ସ୍ୱଚ୍ଛ ଭାରତ ମିଶନ ଉପରେ ଆଲୋଚନା ହୋଇଥିଲା। ବ୍ଲକ୍‌ର ଗ୍ରାମାଞ୍ଚଳରେ ଉନ୍ନୟନ କାର୍ଯ୍ୟକୁ ପ୍ରାଥମିକତା ଭିତ୍ତିରେ କାର୍ଯ୍ୟକାରୀ କରିବା ଉପରେ ସମସ୍ତେ ଜୋର ଦେଇଥିଲେ। ସଦାଇପାଲି ସମିତି ସଭ୍ୟ ଗୋଲାପ ବାଗ, ଭୁତିଆରବାହାଲ ସମିତି ସଭ୍ୟ ଶ୍ରୀବତ୍ସ ସାହୁ, ଶିକାଛିଡା ସମାତି ସଭ୍ୟା ବନିତା ପଧାନ, ଚନ୍ଦନଭାଟି ସମିତି ସଭ୍ୟା ସଙ୍ଗୀତା ପାଣିଗ୍ରାହୀ, ବରକାନୀ ସରପଞ୍ଚ ବଳଦେବ ସାହୁ, ବରପୁଡଗିଆ ସରପଞ୍ଚ ଜନ୍ମେଜୟ ମେହେର, ବୈଦପାଲି ସରପଞ୍ଚ ସୁଜାତା ରାଉତ, ମନହୀରା ସରପଞ୍ଚ ରମ୍ଭା ରଣା ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏକ ଉନ୍ନତି ଓ ଅଗ୍ରଣୀ ବ୍ଲକ୍ କରିବା ଦିଗରେ ସମସ୍ତେ ପ୍ରଚେଷ୍ଟା କରିବେ ବୋଲି ସହମତି ପ୍ରକାଶ କରିଥିଲେ। ବ୍ଲକ୍ କର୍ମଚାରୀ ଏବଂ ଜନପ୍ରତିନିଧିଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ପ୍ରତିଷ୍ଠା ଦିଗରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା।

# ପୋଲିସ ତଦନ୍ତରେ ଶିଥିଳତା

ବଲାଙ୍ଗୀର ଅଫିସ, ୭।୫

**ମେଡିକାଲ ଛାତ୍ର ନିଶାନ୍ତ କୁମାର ମୃତ୍ୟୁ ମାମଲା**



ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରଥମ ବର୍ଷ ମେଡିକାଲ ଛାତ୍ର ନିଶାନ୍ତ କୁମାରଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାରେ ପୋଲିସ ତଦନ୍ତର ଶିଥିଳତାକୁ ନେଇ ନିଶାନ୍ତଙ୍କ ପରିବାର ପକ୍ଷରୁ ଅସନ୍ତୋଷବ୍ୟକ୍ତ କରାଯାଇଛି। ନିଶାନ୍ତଙ୍କ ମୃତ୍ୟୁ ଘଟଣାକୁ ଇତିମଧ୍ୟରେ ୧୫ ଦିନ ବିତିଯାଇଥିଲେ ମଧ ପୋଲିସ ତଦନ୍ତର ଗତି କୁଆଡେ ତାହା ସ୍ପଷ୍ଟ ହୋଇନାହିଁ। ଗତ ଏପ୍ରିଲ ୨୨ ତାରିଖ ଅପରାହ୍ଣ ପ୍ରାୟ ୩ଟାରେ ନିଶାନ୍ତ ୫ ମହଲା ବିଶିଷ୍ଟ ମେଡିକାଲ କଲେଜ ହଷ୍ଟେଲ ଛାତରୁ ଖସିପଡି ମୃତ୍ୟୁବରଣ କରିଥିବା କୁହାଯାଇଥିଲା। କଲେଜ କର୍ତ୍ତୃପକ୍ଷ ନିଶାନ୍ତ ଆତ୍ମହତ୍ୟା କରିଥିବା ପୋଲିସକୁ ସୂଚନା ଦେଇ ତାଙ୍କର ସୁଇସାଇଡାଲ ନୋଟ ଏବଂ ମୋବାଇଲ ଫୋନ୍ ପ୍ରଦାନ କରିଥିଲେ। ପରିବାର ଲୋକେ ର୍‍ୟାଗିଂ ଯୋଗୁ ନିଶାନ୍ତଙ୍କ ମୃତ୍ୟୁ ହୋଇଥିବା ଦର୍ଶାଇ ଏହା ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଥିଲେ। ଏନେଇ ଟାଉନ୍ ଥାନାରେ ନିଶାନ୍ତଙ୍କ ବାପା ଡ. କ୍ରିଷ୍ଣନ୍ କୁମାର ଅଭିଯୋଗ କରିବାରୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିବା କହିଥିଲା। ତେବେ ଘଟଣାର ୧୫ ଦିନ ପରେ ମଧ ଏନେଇ ସ୍ଥାନୀୟ ପୋଲିସ ମୁହଁ ଖୋଲୁନାହିଁ। ତଦନ୍ତରେ କ'ଣ ମିଳିଛି ସ୍ପଷ୍ଟ ହୋଇନାହିଁ। ବଲାଙ୍ଗୀର ପୋଲିସର ଏଭଳି ମନୋଭାବକୁ ଦେଖି ନିଶାନ୍ତଙ୍କ ବାପା ଡ. କୁମାର ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ଘଟଣାର ସିବିଆଇ ତଦନ୍ତ ଦାବି କରିଛନ୍ତି। ଏନେଇ ଜାତୀୟ ମାନବିକ ଅଧିକାର କମିଶନର ଦୃଷ୍ଟି ଆକର୍ଷଣ କରି ନ୍ୟାୟ ଭିକ୍ଷା କରିଛନ୍ତି।

ନିଶାନ୍ତ ୪ ପୃଷ୍ଠାର ସୁଇସାଇଟ୍ ନୋଟରେ ଭୀମ ଭୋଇ ମେଡିକାଲ କଲେଜରେ ସିନିଅର ଛାତ୍ରମାନେ କିଭଳି ଜୁନିଅର ଛାତ୍ରଙ୍କୁ ର୍‍ୟାଗିଂ କରୁଥିଲେ ଉଲ୍ଲେଖ କରିଛନ୍ତି। ଏଭଳିକି ଏଠାରେ ପଢୁଥିବା ରାଜସ୍ଥାନର ଛାତ୍ର ତାଙ୍କୁ ର୍‍ୟାଗି କରିଥିବା ମଧ ସୁଇସାଇଡାଲ ନୋଟରେ ଉଲ୍ଲେଖ କରିଛନ୍ତି। ର୍‍ୟାଗିଂରେ କେତେକ ଅଧ୍ୟାପକ ମଧ ସାମିଲ ଥିବା ଏକ ମୋବାଇଲ ଚାଟିଂରେ ନିଶାନ୍ତ ଉଲ୍ଲେଖ କରିଥିଲେ। ଏସବୁ ତଥ୍ୟ ସତ୍ତ୍ୱେ ପୋଲିସ ତଦନ୍ତକୁ ତ୍ୱରାନ୍ୱିତ କରୁ ନ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ସେମାନେ ବାରମ୍ବାର ବଲାଙ୍ଗୀର ଏସପିଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ ମଧ ତଦନ୍ତ ଆଗଉ ନାହିଁ ବୋଲି କହୁଛନ୍ତି। ଏଭଳି ପରିସ୍ଥିତିରେ ପୁଅକୁ ହରାଇଥିବା ହରିଆଣାର କରନାଲ ସହରର ଏହି ପରିବାର ଭାଙ୍ଗି ପଡିଥିବା ଦର୍ଶାଇଛନ୍ତି। ଅନ୍ୟପଟେ ବଲାଙ୍ଗୀର ବୁଦ୍ଧିଜୀବୀ ମହଲରେ ମଧ ପୋଲିସ ତଦନ୍ତର ଶିଥିଳତାକୁ ନେଇ ଅସନ୍ତୋଷ ଦେଖାଦେଇଛି। ଆଡଭୋକେଟ୍ ଭବାନୀ ଶଙ୍କର ଶତପଥୀ କଲେଜର ଆଣ୍ଟି ର୍‍ୟାଗିଂ କମିଟି ଆଇନ ଅନୁଯାୟୀ ଗଠନ ହୋଇନାହିଁ ବୋଲି କହିବା ସହ ଏନେଇ କଲେଜ କର୍ତ୍ତୃପକ୍ଷଙ୍କୁ ପ୍ରଶାସନ କୈଫିୟତ ତଲବ କରିବା ଉଚିତ୍ ବୋଲି କହିଛନ୍ତି। ଏସ୍‌ପି ନୀତିନ କୁଶଲକରଙ୍କୁ ନିଶାନ୍ତ ମୃତ୍ୟୁର ଅଗ୍ରଗତି ସମ୍ପର୍କରେ ପଚରାଯିବାରୁ ତଦନ୍ତ ଜାରି ରହିଛି ବୋଲି କହିଛନ୍ତି।

### ବଢୁଛି ଆପରାଧିକ କାର୍ଯ୍ୟକଳାପ

ଲୋଇସିଂହା,୭।୫(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଞ୍ଚଳରେ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି। ବାଦିବାହାଲ ପଞ୍ଚାୟତ ଅନ୍ତର୍ଗତ କଦଳୀପାଲି ଗ୍ରାମର ନେପାଳ ବଘାର ଲୋଇସିଂହାସ୍ଥିତ ୱାଲ୍ଡଭିଜନ ଏଡିପି ସଂସ୍ଥାର ଜଣେ ସ୍ୱେଚ୍ଛାସେବୀ। ଶୁକ୍ରବାର ଲୋଇସିଂହା ହରେକୃଷ୍ଣ ମହତାବ ହାଇସ୍କୁଲ ପାର୍ଶ୍ୱ ତଥା ସଂସ୍ଥାର ପୂର୍ବ କାର୍ଯ୍ୟାଳୟଠାରେ ସ୍ୱେଚ୍ଛାସେବୀଙ୍କୁ ନେଇ ଏକ ତାଲିମ କାର୍ଯ୍ୟକ୍ରମ ରହିଥିଲା। ତାଲିମ କେନ୍ଦ୍ର ବାହାରେ ନେପାଳ ଏବଂ ବହୁ ସ୍ୱେଚ୍ଛାସେବୀଙ୍କ ବାଇକ ଥିଲା। ତାଲିମ ସରିବା ପରେ ନେପାଳଙ୍କ ବାଇକ(ଓଡି୦୩ଡି ୮୨୬୬) ସେଠାରେ ନଥିଲା। ଖୋଜାଖୋଜି କରି ନ ପାଇବାରୁ ସେ ଲୋଇସିଂହା ଥାନରେ ଅଭିଯୋଗ କରିଥିଲେ। ଏହାପୂର୍ବରୁ ଗତ ଶନିବାର ରାତିରେ ସମ୍ପୃକ୍ତ ଅଞ୍ଚଳର ଏକ ହତ୍ୟାକାଣ୍ଡ ଘଟିଥିଲା। କେତେକଙ୍କ ସଂଘବଦ୍ଧ ଆକ୍ରମଣରେ ଜଡାମୁଣ୍ଡା ବସ୍ତିର ରୂପକ ହନୁମାନ ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥଇଲା। ଆକ୍ରମଣର ଶିକାର ଅନ୍ୟ ଜଣେ ଯୁବକ ସରୋଜ ବିଶି ଗୁରୁତର ହୋଇ ବୁର୍ଲା ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିବାବେଳେ ବାକି ଅଭିଯୁକ୍ତ ଏବେ ବି ଫେରାର ଅଛନ୍ତି। ସପ୍ତାହେ ବିତି ଯାଇଥିଲେ ବି ଅଭିଯୁକ୍ତଙ୍କୁ ପୋଲିସ ଧରିବାରେ ସକ୍ଷମ ହୋଇନାହିଁ। ଅପରପକ୍ଷେ ପୋଲିସର ଢିଲାପଣ ଯୋଗୁ ଲୋଇସିଂହା ଥାନା ଅଞ୍ଚଳରେ ରାହାଜାନୀ, ଲୁଟ୍‌ପାଟ୍, ମାରପିଟ ଭଳି ଘଟଣା ଘଟୁଥିବା ଅଭିଯୋଗ ହୋଇଛି।

# ଚିକିତ୍ସା ପାଇଁ ଅର୍ଥ ବାଧକ

ସିନାପାଲି,୭।୫(ଡି.ଏନ.ଏ)

**ସରକାରୀ ସହାୟତା ପାଇଁ ମା'ଙ୍କ ଆକୁଳ ନିବେଦନ**

- ଜନ୍ମରୁ ଦିବ୍ୟାଙ୍ଗ ୩ବର୍ଷର ପୁଅ ଉଦ୍ଧବ
- ଜନ୍ମରୁ ଅଜଣା ରୋଗରେ ପୀଡିତ ମା' ବିଳାସ
- ପରିବାର ପ୍ରତିପୋଷଣ ପାଇଁ ସ୍ୱାମୀ ଯାଇଛନ୍ତି ଦାଦନ



ସରକାର ଗରିବ ନିରୀହ ଲୋକଙ୍କ ପାଇଁ ଅନେକ ଯୋଜନା ଉପରେ ଯୋଜନା କରିଆସୁଛନ୍ତି। ହେଲେ ନୂଆପଡ଼ା ଜିଲା ସିନାପାଲି ବ୍ଲକରେ ଗରିବ ନିରୀହ ଲୋକ ସରକାରୀ ସୁବିଧାରୁ ବଞ୍ଚିତ ରହୁଛନ୍ତି। ସିନାପାଲି ବ୍ଲକ ଅନ୍ତର୍ଗତ ଖଇରପଦର ଗ୍ରାମପଞ୍ଚାୟତ ସଦର ଗ୍ରାମ ମାଝିପଡାରେ ଜଗଦୀଶ ମାଝି ବସବାସ କରୁଛନ୍ତି। ପରିବାର କହିଲେ ଜଗଦୀଶ ମାଝି (୩୫) ସ୍ତ୍ରୀ ବିଳାସ (୩୨) ଓ ଗୋଟିଏ ପୁଅ ଉଦ୍ଧବ ମାଝି(୩)। ହେଲେ ପୁଅ ଜନ୍ମରୁ ଦିବ୍ୟାଙ୍ଗ। ଆଖିରେ ଦେଖି ପାରୁ ନ ଥିବାବେଳେ ଶୁଣିବା, କଥାହେବା, କିମ୍ବା ଚଲାବୁଲା ମଧ୍ୟ କରିପାରୁ ନାହାଁନ୍ତି। ସେହିପରି ବିଳାସ ମଧ୍ୟ ଜନ୍ମରୁ ଏକ ଅଜଣା ରୋଗରେ ପୀଡ଼ିତ ହୋଇ ରହିଛନ୍ତି। ଦେହର ସବୁ ଅଙ୍ଗପ୍ରତ୍ୟଙ୍ଗ ଫୁଲାଫୁଲା ହୋଇ ଫୁଲିଛି। ହେଲେ ପରିବାର ଚଳିବା ପାଇଁ କଷ୍ଟ ହେଉଛି। ମା' ଓ ପୁଅଙ୍କ ଚିକିତ୍ସା କରିବାକୁ ଜଗଦୀଶଙ୍କ ସାହାସ ନାହିଁ। ଜଗଦୀଶ ଯେତେବେଳେ କୁଲିମଜୁରୀ କରି ଦିପଇସା ଆଣନ୍ତି ସେତେବେଳେ ଘରେ ଚୁଲି ଜଳୁଛି। ଆଜିକୁ ୫ମାସ ହେଲା ପରିବାର ଭରଣପୋଷଣ କରିବାକୁ ଜଗଦୀଶ ଆନ୍ଧ୍ରପ୍ରଦେଶ ଯାଇ ସେଠାରେ କୁଲିମଜୁରୀ କରି ଦିପଇସା ପଠାଇଲେ ଏପଟେ ଚୁଲି ଜଳୁଛି। ନ ହେଲେ ଭୋକଉପାସରେ ରାତି କଟୁଛି। ସରକାରୀ ସୁବିଧା କହିଲେ କେବଳ ଅନ୍ତୋଦୟ କାର୍ଡ ରହିଥିବାରୁ କେବଳ ଚାଉଳ ମିଳୁଛି। ଏହି ପରିବାର ଜମିହୀନ ହୋଇଥିବା ବେଳେ ଭଙ୍ଗାଦଦରା ଏକ କୁଡିଆ ଘରେ ରହୁଛନ୍ତି। ଆଜି ପର୍ଯ୍ୟନ୍ତ ଘର ଖଣ୍ଡିଏ ମିଳିନାହିଁ। ସେହିପରି ଦିବ୍ୟାଙ୍ଗ ଭତ୍ତା ମଧ୍ୟ ମିଳିନାହିଁ। ବର୍ତ୍ତମାନ ସେହି ଭଙ୍ଗାଦଦରା ଘରେ ଡରିଡରି ମା' ପୁଅ ରହୁଛନ୍ତି। ଫଳରେ ମା' ବିଳାସ ପୁଅର ଚିକିତ୍ସା, ନିଜ ଚିକିତ୍ସା ସମେତ ପକ୍କା ଘର ଖଣ୍ଡିଏ ଓ ଭତ୍ତା ପାଇଁ ବ୍ଲକ ପ୍ରଶାସନ ତଥା ଜିଲା ପ୍ରଶାସନ ସହାୟତା କରିବାକୁ ନିବେଦନ କରୁଛନ୍ତି। ଏନେଇ ବ୍ଲକ ତଥା ଜିଲା ପ୍ରଶାସନ ଦୃଷ୍ଟିଦେଇ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ମାରୱାଡି ଯୁବାମଞ୍ଚ ଦ୍ୱାରା ମାଗଣା କ୍ୟାନ୍‌ସର ପରୀକ୍ଷା ଶିବିର

ନୂଆପଡ଼ା ଅଫିସ,୭।୫




ଶିବିରରେ ଯୋଗଦେଇଥିବା ଅତିଥି।

ନୂଆପଡ଼ା ଜିଲା ଖରିଆର ରୋଡ ଗଣପତି ପେଲେ ପରିସରରେ ଅଖିଳ ଭାରତୀୟ ମାରୱାଡି ଯୁବାମଞ୍ଚ ଓ ଖରିଆର ରୋଡ ମାରୱାଡି ଯୁବା ମଞ୍ଚର ମିଳିତ ଆନୁକୂଲ୍ୟରେ ଦୁଇ ଦିନିଆ ନିଶୁଳ୍କ କ୍ୟାନ୍‌ସର ପରୀକ୍ଷା ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି ଶିବିରରେ ମୋଟ ୧୧୫ ଜଣଙ୍କୁ ମାଗଣାରେ କ୍ୟାନ୍‌ସର ପରୀକ୍ଷା କରାଯାଇଥିଲା। ସେଥି ମଧ୍ୟରୁ ୩ଜଣଙ୍କୁ ସନ୍ଦେହରେ ରଖାଯାଇଛି। ରିପୋର୍ଟ ଆସିଲା ପରେ କ୍ୟାନ୍‌ସର ଅଛି କି ନାହିଁ ଜଣାପଡିବ। ଏହି ଶିବିରରେ ନୂଆପଡ଼ା ଜିଲାପାଳ ସ୍ୱାଧାଦେବ ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଖରିଆର ରୋଡ ଏନ୍‌ଏସି ଅଧକ୍ଷା ସୋନିଆ ଜୈନ, ସଦର ବ୍ଲକ ଅଧକ୍ଷା ତାରେଶ୍ୱରୀ ସାହୁ, ମାରୱାଡି ଯୁବାମଞ୍ଚ ସଭାପତି ଲଳିତ ଅଗ୍ରୱାଲ, ପଙ୍କଜ ମରୋଦିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମଞ୍ଚାସୀନ ହୋଇଥିଲେ। ଅଙ୍କିତ ସିଙ୍ଘାଇ ମଞ୍ଚ ପରିଚାଳନା କରିଥିଲେ। ଏହି କ୍ୟାନ୍‌ସର ଶିବିର ଦ୍ୱାରା ଜିଲା ତଥା ଛତିଶଗଡ଼ର ଲୋକେ ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା କରି କ୍ୟାନ୍‌ସର ଭଳି ରୋଗରୁ ମୁକ୍ତ ହେବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏମ୍‌ପି ପ୍ରତିନିଧି ଗୋଲଡି ଅଗ୍ରୱାଲ, ଡା.ଶିବ ପ୍ରସାଦ ବେହେରା, କୈଳାସ ମାରାଦିଆ, କିଶୋର ଅଗ୍ରୱାଲ, ଦୀପକ ଅଗ୍ରୱାଲ, ମନୋଜ ବଂଶଲ, ମନୋଜ ଡାଗା, ମାରୱାଡି ଯୁବାମଞ୍ଚ, ମାରୱାଡି ମହିଳା ମଣ୍ଡଳ ଓ ଜାଗୃତି ଶାଖା ଖରିଆର ରୋଡ ସହଯୋଗ କରିଥିଲେ।

# କରାଡଙ୍ଗରୀପଡ଼ା, ଖୁର୍ସେଲଗୁଡ଼ାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଅଚଳ

କୋକସରା,୭।୫(ଡି.ଏନ.ଏ)



ପୋଡ଼ିଯାଇଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର।

କଳାହାଣ୍ଡି ଜିଲା କୋକସରା ବ୍ଲକ ଗୋତମୁଣ୍ଡା ପଞ୍ଚାୟତର କରାଡଙ୍ଗରୀପଡା ଓ ଟେମେରା ପଞ୍ଚାୟତର ଖୁର୍ସେଲଗୁଡା ଗ୍ରାମରେ ଥିବା ବିପିଏଲ ବିଦ୍ୟୁତ୍ ଟ୍ରାନ୍ସଫର୍ମର ୧୫ ଦିନ ହେବ ପୋଡ଼ିଯାଇ ଅଚଳ ହୋଇଛି। ଫଳରେ ଉଭୟ ଗ୍ରାମର ଉପଭୋକ୍ତା ଅନ୍ଧାରରେ ଦିନ କାଟୁଛନ୍ତି। କରାଡଙ୍ଗରୀ ପଡ଼ାରେ ୧୧୦ ଜଣ ବିପିଏଲ ବିଦ୍ୟୁତ୍ ଉପଭୋକ୍ତା ରହିଥିବାବେଳେ ସେମାନଙ୍କ ପାଇଁ ମାତ୍ର ୧୦ କେଭି ବିଦ୍ୟୁତ୍ ଟ୍ରାନ୍ସଫର୍ମର ସଂଯୋଗ ରହିଥିଲା। ୧୫ ଦିନ ହେବ ଟ୍ରାନ୍ସଫର୍ମର ପୋଡି ଅଚଳ ହୋଇପଡ଼ିଥିବାରୁ ଉପଭୋକ୍ତାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ଛାତ୍ରୀଛାତ୍ରମାନଙ୍କ ପରୀକ୍ଷା ଚାଲିଥିବାରୁ ପାଠପଢାରେ ମଧ ଅନେକ ଅସୁବିଧା ଭୋଗୁଥିବା ଅଭିଯୋଗ ହୋଇଛି। ତେବେ ଏହି ଗାଁରେ ୧୦ କେଭି ବିଦ୍ୟୁତ୍ ଟ୍ରାନ୍ସଫର୍ମର ବଦଳରେ ୧୦୦ କେଭି ଟ୍ରାନ୍ସଫର୍ମର ସଂଯୋଗ କରିବା ପାଇଁ ସାଧାରଣରେ ଦାବି ହୋଇଛି। ସେହିପରି ଟେମରା ପଞ୍ଚାୟତର ଖୁର୍ସେଲଗୁଡା ଗ୍ରାମର ବିପିଏଲ ଟ୍ରାନ୍ସଫର୍ମର ମଧ ଅନେକ ଦିନ ହେବ ପୋଡ଼ିଯାଇଛି। ଫଳରେ ଏଠାକାର ବିଦ୍ୟୁତ୍ ଉପଭୋକ୍ତାମାନେ ମଧ ଖରା ଦିନ ଥିବାରୁ ଅନେକ ଅସୁବିଧାର ସମ୍ମୁଖୀନ ଭୋଗୁଥିବା ଗ୍ରାମର ଚୌଧୁରୀ ଛତ୍ରିଆ, ଚତୁର ପାଳି, ଲେମ୍ବୁ ପାଳି, ଡମେନ ନାଗ, ଦୁତୀୟା ପାଳି, ସରସ୍ୱତୀ ପୂଝାରୀ, ଶ୍ୟାମସୁନ୍ଦର ପାଳି, ଭିକାରାମ ବାଗ, ଲିଙ୍ଗରାଜ ଲଦୁଆ, ଯାଦବ ସାହୁ, ଜଗବନ୍ଧୁ ବାଗ, କେଶରୀ ପୂଝାରୀ, ଈଶ୍ୱର ବେହେରା, କୈଳାସ ବେହେରା, ଗୁକଧର ପାଳି, କ୍ଷେତ୍ରମୋହନ ବାଗ ପ୍ରମୁଖ ପ୍ରକାଶ କରିଛନ୍ତି। ତେବେ ଏହି ୨ ଗ୍ରାମର ବିଦ୍ୟୁତ୍ ଟ୍ରାନ୍ସଫର୍ମର ତୁରନ୍ତ ସଂଯୋଗ କରିବା ପାଇଁ ଉଭୟ ଗ୍ରାମର ବିଦ୍ୟୁତ୍ ଉପଭୋକ୍ତାମାନେ ଦାବି କରିଛନ୍ତି। ଏନେଇ କୁସୁମଖୁଣ୍ଟି ବିଦ୍ୟୁତ୍ ବିଭାଗର ସହକାରୀ ଯନ୍ତ୍ରୀ ଦୀପକ କୁମାର ସାହୁଙ୍କ ମତାମତ ନେବାରୁ ଅଧିକ ଉପଭୋକ୍ତା ଥିବାବେଳେ ଛୋଟ ଟ୍ରାନ୍ସଫର୍ମର ଲାଗିଥିବାରୁ ବାରମ୍ବାର ପୋଡି ଯାଉଛି। ଦିନେ ଦୁଇ ଦିନ ମଧ୍ୟରେ ନୂତନ ଟ୍ରାନ୍ସଫର୍ମର ସଂଯୋଗ କରି ଦିଆଯିବ ବୋଲି କହିଛନ୍ତି।

### ଟ୍ୟାଙ୍କରରେ ପାଣି ଯୋଗାଇଲେ ସରପଞ୍ଚ

ପଦ୍ମପୁର,(ଡି.ଏନ.ଏ): ତାତି ବଢ଼ିବା ସହିତ ବରଗଡ ଜିଲା ପଦ୍ମପୁର ବ୍ଲକ ବରିକେଲ ପଞ୍ଚାୟତର ଚାରପାଲି ଗ୍ରାମରେ ପାନୀୟ ଜଳର ଉତ୍କଟ ଅଭାବ ଦେଖାଦେଇଛି। ଫଳରେ ଲୋକମାନେ ପାନୀୟ ଜଳ ପାଇ କଷ୍ଟ ଭୋଗୁଛନ୍ତି। ଜନସଂଖ୍ୟା ଅନୁସାରେ ପାନୀୟ ଜଳର ସୁବିଧା ନ ଥିବାରୁ ଗ୍ରୀଷ୍ମ ପ୍ରବାହରେ ଦୁଃଖ ବଢ଼ିଯାଇଛି। ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ଜନସାଧାରଣଙ୍କ ଏଭଳି ଦୁଃଖ ଦେଖି ବରିକେଲ ସରପଞ୍ଚ ଦୀନେଶ ସେଠ ସେମାନଙ୍କ ପାଇଁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ବ୍ୟବସ୍ଥା କରିଛନ୍ତି। ଏହି କାର୍ଯ୍ୟକମରେ ଇନ୍ଦ୍ରଜିତ ପାତ୍ର ସହଯୋଗ କରିଥିଲେ।

## ସଂକ୍ଷେପରେ

### ସାପ କାମୁଡ଼ାରେ ସେବାଶ୍ରମ କର୍ମଚାରୀ ମୃତ

**ସୋହେଲା,୭।୫(ଡି.ଏନ.ଏ):** ବରଗଡ଼ ଜିଲା ସୋହେଲା ନିକଟସ୍ଥ ଧୂସରବାହାଲ ସେବାଶ୍ରମ ସ୍କୁଲର କର୍ମଚାରୀ ବିଭୀଷଣ ବଗର୍ତ୍ତା(୪୨)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ମୃତାଦେହ ବ୍ୟବଚ୍ଛେଦ କରାଇଛି। ଗୁରୁବାର ରାତିରେ ବିଭୀଷଣ ରାତ୍ରି ଭୋଜନ ସାରି ଶୋଇଥିଲେ। ସେତେବେଳେ ଏକ ଚିତି ସାପ ତାଙ୍କ ଶରୀରରେ ଗୁଡ଼ାଇ ହେବାରୁ ସେ ଉଠିଥିଲେ ଏବଂ ସାପକୁ ମାରି ଦେଇଥିଲେ। ଶୁକ୍ରବାର ସେ ନେଇ ପରିବାର ଲୋକଙ୍କୁ କହିବା ପରେ ତାଙ୍କ ଝଡ଼ାଫୁଙ୍କା ହୋଇଥିଲା। ମାତ୍ର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବା ପରେ ତାଙ୍କୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ଶୁକ୍ରବାର ଅପରାହ୍ନରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।

### ପୂର୍ବତନ ସରପଞ୍ଚଙ୍କ ପରଲୋକ



**ସୋହେଲା,୭।୫(ଡି.ଏନ.ଏ):** ବରଗଡ଼ ଜିଲା ଅତାବିରା ବ୍ଲକ ଝିଲିମିଣ୍ଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁଧୀର ପ୍ରଧାନ(୪୭)ଙ୍କ ଶୁକ୍ରବାର ପରଲୋକ ହୋଇଛି। ସେ ଭାଜପାର ଜଣେ ସକ୍ରିୟ କାର୍ଯ୍ୟକର୍ତ୍ତା ଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଗଭୀର ଶୋକପ୍ରକାଶ ପାଇଛି। ବହୁ ଗଣ୍ୟମାନ୍ୟ ବ୍ୟକ୍ତି ପହଞ୍ଚି ସ୍ୱର୍ଗତ ପ୍ରଧାନଙ୍କ ଶେଷ ଦର୍ଶନ କରିଥିଲେ ।

### ପଳାସ ଗଛରୁ ପାଣି ଝରୁଛି



**ବିନିକା,୭।୫(ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଭଣ୍ଡାର ପଞ୍ଚାୟତ ଅନ୍ତର୍ଗତ ଝାରକଦଳୀପାଲି ଗାଁ ପ୍ରାଥମିକ ସ୍କୁଲ ନିକଟରେ ଥିବା ଏକ ପଳାସ ଗଛରୁ ପାଣି ଝରୁଛି। ପ୍ରାୟ ୨୦ବର୍ଷର ଏହି ପୁରୁଣା ଗଛରେ ଫୁଲ କି ଫଳ ନଥିବା ବେଳେ ଶନିବାର ସନ୍ଧ୍ୟାରୁ ଗଛରୁ ପାଣି ଝରିବା ଆରମ୍ଭ କରିଛି। ତଳେ ଛିଡା ହେଉଥିବା ଲୋକେ ଭିଜି ଓଦା ହୋଇ ଯାଉଛନ୍ତି। ଖରାଦିନରେ ଗଛ ଉପରୁ ବର୍ଷା ଭଳି ପାଣି ଝରିବା ଦେଖି ଗ୍ରାମବାସୀ ବିଶ୍ୱାସ କରି ପାରୁନାହାନ୍ତି। ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମବାସୀ ଓ ଆଖପାଖ ଅଞ୍ଚଳର ଲୋକେ ଗଛ ନିକଟରେ ଭିଡ ଜମାଇଛନ୍ତି। ଗ୍ରାମର ସୁରଜ ଥାର୍ଟି , ଶ୍ୟାମ ପଧାନ, ନାରାୟଣ ପୋଢ, ରୋହିତ ବିଶି ଓ ଅନନ୍ତ ପଧାନ ପ୍ରମୁଖ ଗଛରେ ଭଗବାନ ବିରାଜମାନ କରିଥିବା କହିଛନ୍ତି। ଏ ସମ୍ପର୍କରେ ସୁବର୍ଣ୍ଣପୁରର ସହକାରୀ ବନ ସଂରକ୍ଷକ ପ୍ରଫୁଲ୍ଲ ଧରୁଆ କୁହନ୍ତି, ଆମ ନିକଟରେ କୌଣସି ସୂଚନା ନାହିଁ । ତେବେ କେଉଁ କାରଣରୁ ଗଛର ଡାଳ ଓ ପତ୍ରରୁ ତରଳ ପଦାର୍ଥ ଭଳି ଝରୁଛି ସକାଳେ ଦେଖିଲେ ସ୍ପଷ୍ଟ ହେବ ବୋଲି କହିଥିଲେ।

### ମାରପିଟ୍ ମାମଲା: ୭ ଜେଲ ଗଲେ

**ପାଇକମାଳ,୭।୫(ଡି.ଏନ.ଏ):** ପାଇକମାଳ ଥାନା ଅନ୍ତର୍ଗତ ପୁରେନା ଛକରେ ସମାଜସେବୀ ଦୁର୍ଯ୍ୟୋଧନ ପୁଟାଙ୍କ ଉପରେ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ୭ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସମସ୍ତ ଅଭିଯୁକ୍ତଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁସାରେ, ଶୁକ୍ରବାର ସନ୍ଧ୍ୟାରେ ଦୁର୍ଯ୍ୟୋଧନ ନୃସିଂହନାଥ ମନ୍ଦିରରେ ବୈଶାଖ ମେଳା ଜାଗା ବଣ୍ଟନ କାର୍ଯ୍ୟ ସାରି ନିଜ ଘର ଖପୁରିଡିହି ଗ୍ରାମକୁ ବାଇକ୍ ଯୋଗେ ଫେରୁଥିଲେ। ପୁରେନା ଛକରେ ପୂର୍ବରୁ ଛପି ରହିଥିବା ବରତୁଣ୍ଡା ସରପଞ୍ଚ ରୀତା ସୁନାଙ୍କ ସ୍ୱାମୀ ଗୋବିନ୍ଦ ସୁନା ଓ ଅନ୍ୟମାନେ ଦୁର୍ଯ୍ୟୋଧନଙ୍କୁ ଅଟକାଇ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ସେ ପାଇକମାଳ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୮୯/୨୨) ରୁଜୁ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

## ପୁଣି ବଢ଼ିଲା ରନ୍ଧନ ଗ୍ୟାସ୍ ଦର

# ମହଙ୍ଗା ମାଡ଼ରେ ଅତିଷ୍ଠ



**କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଏନ୍‌ଡ଼ିଏ ସରକାର ଆସିବା ପରେ ଉଜ୍ଜ୍ୱଳା ଭଳି ଯୋଜନା ହାତକୁ ନେଇଥିଲେ। ଏହି ଯୋଜନାରେ ରିହାତି ପ୍ରଲୋଭନ ଦେଖାଇ ରନ୍ଧନ ଗ୍ୟାସ୍ ବ୍ୟବହାର କରିବା ପାଇଁ କହିଥିଲେ। ଗରିବ, ମଧ୍ୟବିତ୍ତ ଲୋକେ ମଧ ସେଥିପ୍ରତି ଆକୃଷ୍ଟ ହୋଇଥିଲେ। ସେମାନେ ଜାଳେଣୀ କାଠ ବଦଳରେ ହାଣ୍ଡିଶାଳରେ ରନ୍ଧନ ଗ୍ୟାସ୍ ବ୍ୟବହାର କରିଥିଲେ। ମାତ୍ର ଏବେ ରନ୍ଧନ ଗ୍ୟାସ୍ ଦର ଆକାଶ ଛୁଆଁ ହୋଇଛି। ଗତ ମାର୍ଚ୍ଚ ମାସରେ ରନ୍ଧନ ଗ୍ୟାସ ସିଲିଣ୍ଡର ପ୍ରତି ୫୦ଟଙ୍କା ବଢ଼ି ହଜାରେ ଟପିଥିଲା। ଶନିବାର ଏଥିରେ ପୁଣି ୫୦ ଟଙ୍କା ବୃଦ୍ଧି ପାଇଛି। ବରଗଡ଼ ସହରରେ ପୂର୍ବରୁ କାଉଣ୍ଟରରେ ରନ୍ଧନ ଗ୍ୟାସ ଭର୍ତ୍ତି ସିଲିଣ୍ଡରର ମୂଲ୍ୟ ୧୦୨୦ ଟଙ୍କା ଥିଲା। ଏହା ଏବେ ୧୦୭୦ ଟଙ୍କାକୁ ଛୁଇଁଛି। ସେହିପରି ହୋମ୍ ଡେଲିଭରି ରନ୍ଧନ ଗ୍ୟାସ୍ ସିଲିଣ୍ଡର ୧୦୫୦ଟଙ୍କା ଥିଲା। ଏବେ ତାହା ୧୧୦୦ ଟଙ୍କାରେ ପହଞ୍ଚିଛି। ସରକାରଙ୍କ ରନ୍ଧନ ଗ୍ୟାସ୍‌ର ଏଭଳି ଦରବୃଦ୍ଧି ହାଣ୍ଡିଶାଳକୁ ସିଧାସଳଖ ମାଡ଼ ସଦୃଶ ହୋଇଛି।**

### ଭାଙ୍ଗି ପଡ଼ିଛନ୍ତି ଗରିବ, ମଧ୍ୟବିତ୍ତ



“ କରୋନା କାଳରେ ଗରିବ ଶ୍ରେଣୀର ଲୋକେ ବେରୋଜଗାରକ୍ଷମ ହୋଇ ପଡ଼ିଥିଲେ। କିଛି କାମଧନ୍ଦା ନ ପାଇଁ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ। କରୋନା କଟକଣା ହଟିବା ପରେ ଲୋକଙ୍କୁ ଟିକିଏ ଆଶ୍ୱସ୍ତି ମିଳିଥିଲା। ହେଲେ ଦିନକୁ ଦିନ ଦରଦାମ ଯେଭଳି ବୃଦ୍ଧି ପାଉଛି, ପରିବାର ଚଳାଇବା ମୁସ୍କିଲ ହୋଇପଡୁଛି । ଥରକୁ ଥର ଖାଇବା ତେଲଠାରୁ ରନ୍ଧନ ଗ୍ୟାସ ପର୍ଯ୍ୟନ୍ତ ଦରବୃଦ୍ଧି ଗରିବ, ମଧ୍ୟବିତ୍ତ ଲୋକଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଉଛି।

**–ଆଦର୍ଶୀ ସର, ବାଞ୍ଜିପଡ଼ା, ବରଗଡ଼**

### ଆୟ ତୁଳନାରେ ଖର୍ଚ୍ଚ ବୃଦ୍ଧି



“ କରୋନା ସଂକ୍ରମଣ ଆରମ୍ଭ ହେବା ଦିନଠାରୁ ଗରିବ, ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ଆୟ ଯଥେଷ୍ଟ କମିଛି। ଅନ୍ୟପଟେ ଦରଦାମ ବୃଦ୍ଧି ଯୋଗୁ ଆୟ ତୁଳନାରେ ଖର୍ଚ୍ଚ ବହୁଗୁଣିତ ହୋଇଛି। ଏଭଳିସ୍ଥଳେ ସରକାର ଦରଦାମ ବୃଦ୍ଧି ନିୟନ୍ତ୍ରଣ କରିବା କଥା। ହେଲେ ସେଥିରେ ସମ୍ପୂର୍ଣ୍ଣ ଫେଲ୍ ମାରିଛନ୍ତି । ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମ ଦିନକୁ ଦିନ ବଢ଼ି ଚାଲିଛି । ରନ୍ଧନ ଗ୍ୟାସ୍ ଦର ମଧ୍ୟ ଏଥିରୁ ବାଦ୍ ପଡ଼ିନି । ଯାହାକି ଅତି ବିଡ଼ମ୍ବନାର ବିଷୟ।

**–ନମିତା କୁମ୍ଭାର, ୱାର୍ଡ଼ ନଂ–୧୬, ବରଗଡ଼**

### ନିଜ କଥା ନିଜେ ରଖିଲେନି



“ ସରକାର ରନ୍ଧନ ଗ୍ୟାସ୍ ନେଇ ଆରମ୍ଭରୁ ଯେଭଳି ବାହୁସ୍ଫୋଟ ମାରୁଥିଲେ, ଏବେ ତାହା ଓଲଟା ହୋଇପଡ଼ିଛି। ହଜାରେ ଟଙ୍କା ଧରି କାଉଣ୍ଟରକୁ ଗଲେ ମଧ୍ୟ ରନ୍ଧନ ଗ୍ୟାସ୍ ଭର୍ତ୍ତି ସିଲିଣ୍ଡର ମିଳୁନାହିଁ। ଗ୍ୟାସ୍ ଦର ୨ମାସ ତଳୁ ହଜାରେ ଟପି ସାରିଲାଣି। ଏଭଳି ଦରବୃଦ୍ଧି ଯୋଗୁ ଗରିବ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରନ୍ଧାଶାଳ ମଧ୍ୟ ବନ୍ଦ ହୋଇ ପଡୁଛି। ଅନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଦର ମଧ୍ୟ ଆକାଶଛୁଆଁ ହୋଇ ପଡ଼ିଲାଣି। ବର୍ତ୍ତମାନ ସାଧାରଣ ଜୀବନଯାପନ କଷ୍ଟସାଧ୍ୟ ହୋଇପଡିଛି।

**–ସବିତା ଦୁର୍ଦ୍ଧଶ, ୱାର୍ଡ଼ ନଂ–୧୨, ବରଗଡ଼**

### ଦୁଃଖ ଲଦୁଛନ୍ତି ସରକାର



“ ରନ୍ଧନ ଗ୍ୟାସ୍ ବ୍ୟବହାର କରି ଲୋକେ ଉପକୃତ ହେବେ ବୋଲି ସରକାର କହିଥିଲେ। ହେଲେ ଲୋକଙ୍କୁ ଲାଭ କଣ ମିଳିବ। ଯେଭଳି ଦର ବଢ଼ି ଚାଲିଛି, ରନ୍ଧନ ଗ୍ୟାସ୍ କିଣି ନ ପାରି ଗରିବ ଲୋକଙ୍କୁ ଭୋକିଲା ରହିବାକୁ ପଡ଼ିବ। ନଚେତ୍ ରନ୍ଧନ ଗ୍ୟାସ ବଦଳରେ ପୁଣି କାଠଝାଟି ଜାଳିବାକୁ ପଡ଼ିବ। କରୋନା କାଳରେ ତ ସରକାର ଗରିବଙ୍କ କିଛି ଦୁଃଖ ବୁଝିଲେନି। ଏବେ ଏଭଳି ଦରଦାମ ବୃଦ୍ଧି କରି ଗରିବଙ୍କ ଉପରେ ଦୁଃଖ ଲଦିବା ଆଦୌ ଠିକ୍ ନୁହେଁ ।

**–ଜନନୀ ମୁଗ୍ରୀ, ତୋରା, ବରଗଡ଼**

*ରିପୋର୍ଟ: ପ୍ରେମାନନ୍ଦ ଖମାରୀ, ବରଗଡ଼*

### ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରିବାକୁ ନିର୍ଦ୍ଦେଶ

**କ୍ରିକେଟ ସଂଘ ବିବାଦ ମାମଲାର ରାୟ ପ୍ରକାଶ କଲେ ଜିଲାପାଳ**

**ବୌଦ୍ଧ,୭।୫(ସ୍ୱ.ପ୍ର.)**

ବୌଦ୍ଧ ଜିଲା କ୍ରିକେଟ ସଂଘରେ ଅନିୟମିତତା ହୋଇଥିବା ନେଇ କୋଷାଧ୍ୟକ୍ଷ ପ୍ରଦ୍ୟୁମ୍ନ ସିଂହ ଓ ସଦସ୍ୟ ପ୍ରଭୁଦତ୍ତ ଦଲାଲ ଗତ ୧।୭।୨୦୨୦ରେ ଉଚ୍ଚ ନ୍ୟାୟାଳୟରେ ଏକ ମାମଲା ଦାଏର କରିଥିଲେ। ଉଚ୍ଚ ନ୍ୟାୟାଳୟ ଡ୍ୟୁପି (ସି) ନମ୍ବର ୧୫୫୮୦/୨୦୨୦ରେ ଗ୍ରହଣ କରି ବୌଦ୍ଧ ଜିଲାପାଳଙ୍କୁ ତିନିମାସ ମଧ୍ୟରେ ବିଚାର କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଗତ ଗୁରୁବାର ମାମଲାର ରାୟ ପ୍ରକାଶ ପାଇଛି। ଜିଲାପାଳ ଲଲାଟେନ୍ଦୁ ମିଶ୍ର ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ସହ କ୍ରିକେଟ ସଂଘର ସମସ୍ତ କାଗଜପତ୍ର ଅନୁଧ୍ୟାନ କରିବାପରେ ଜିଲା କ୍ରିକେଟ ସଂଘରେ ୧୦୯ ସଦସ୍ୟଙ୍କ ସଭ୍ୟପଦ କାଏମ ରଖିବା ସହିତ ୧୦ଦିନ ମଧ୍ୟରେ ନୂତନ କର୍ମକର୍ତ୍ତା ପ୍ରକ୍ରିୟା ଆରମ୍ଭ କରି ଏକମାସ ମଧ୍ୟରେ ନିର୍ବାଚନ ସାରିବା ପାଇଁ ଅତିରିକ୍ତ ଜିଲାପାଳ ଓ ଜିଲା କ୍ରୀଡା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନୂତନ ପୂର୍ଣ୍ଣାଙ୍ଗ କମିଟି ଗଠନ ପରେ ବାଦ୍ ପଡିଥିବା ଅନ୍ୟ ସଦସ୍ୟଙ୍କ ସମ୍ପର୍କରେ ନିଷ୍ପତ୍ତି ନେବାକୁ ଅଦାଲତ ରାୟରେ ସୂଚାଇଥିବାବେଳେ ଜିଲା କ୍ରିକେଟ ସଂଘର ସଦସ୍ୟତା ରେଜିଷ୍ଟର ଓ ମିଳୁଥିବା ଅନୁଦାନ ଖର୍ଚ୍ଚ ପରେ ଅଡିଟ ରିପୋର୍ଟ ଠିକ୍ ଭାବେ ପ୍ରସ୍ତୁତ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଜାରି କରିଛନ୍ତି। ବରିଷ୍ଠ ଆଇନଜୀବୀ ନବ କୁମାର ମିଶ୍ର, କୋଷାଧ୍ୟକ୍ଷ ପ୍ରଦ୍ୟୁମ୍ନ ସିଂହ ଓ ସଦସ୍ୟ ପ୍ରଭୁଦତ୍ତ ଦଲାଲଙ୍କ ପକ୍ଷରୁ ଜିଲାପାଳଙ୍କ ଅଦାଲତରେ ମାମଲା ପରିଚାଳନା କରୁଥିଲେ।

## ରାଜସ୍ୱ ବିଭାଗ ପକ୍ଷରୁ ଇଟାଭାଟି ଉପରେ ଚଢ଼ାଉ

**ବୌଦ୍ଧ,୭।୫(ସ୍ୱ.ପ୍ର.)**

ବୌଦ୍ଧ ତହସିଲ ପକ୍ଷରୁ ବୌଦ୍ଧ ରାଜସ୍ୱ ସର୍କଲରେ ବେଆଇନ ବାଲି ଘାଟ ଓ ଇଟା ଭାଟି ଉପରେ ଚଢାଉ କରାଯାଇଛି। ବୌଦ୍ଧ ରାଜସ୍ୱ ନିରୀକ୍ଷକ ଉମାକାନ୍ତ ସାହୁ ମର୍ଯ୍ୟାକୁଦ ଖେଳପଡିଆଠାରେ ବେଆଇନ ଭାବେ ଚାଲୁଥିବା ୩ ଇଟାଭାଟି ଉପରେ ଚଢାଉ କରି ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ସେହିପରି ବୌଦ୍ଧ ଷ୍ଟାଡିୟମ ସମ୍ମୁଖରେ ବେଆଇନ ବାଲି ଗଚ୍ଛିତ ଥିବାରୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି। ତୁରନ୍ତ ଖେଳପଡିଆରୁ ଇଟା ଉଠାଇବା ସହ ଷ୍ଟାଡିୟମ ସମ୍ମୁଖରୁ ବାଲି ଉଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

## ୨୦୦ ୟୁନିଟ୍ ଦେୟମୁକ୍ତ ବିଜୁଳି ଯୋଗାଣ ଦାବି

**ସୋନପୁର,୭।୫(ନି.ପ୍ର.)**

**ଆପ୍‌ର ସୁବର୍ଣ୍ଣପୁର ଜିଲା ସମ୍ମିଳନୀ**

ଆମ୍ ଆଦ୍‌ମୀ ପାର୍ଟି(ଏଏପି)ର ପ୍ରଥମ ସୁବର୍ଣ୍ଣପୁର ଜିଲା ସମ୍ମିଳନୀ ପୁରୁଣା ଟାଉନ ହଲ୍ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆପ୍‌ର ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ତୃଣମୂଳସ୍ତରରେ ସଂଗଠନକୁ ସୁଦୃଢ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ସେହିପରି ଓଡିଶା ସରକାର ଦିଲ୍ଲୀ ଓ ପଞ୍ଜାବ ସରକାରଙ୍କ ଭଳି ଉପଭୋକ୍ତାଙ୍କୁ ୨୦୦ ୟୁନିଟ୍ ଦେୟମୁକ୍ତ ବିଜୁଳି ଯୋଗାଇ ଦେବା ପାଇଁ ଦାବି କରିଥିଲେ। ମହାପାତ୍ର କହିଥିଲେ ଓଡିଶା ବିଦ୍ୟୁତ୍ ଉତ୍ପାଦନରେ ଏକ ବଳକା ରାଜ୍ୟ ହୋଇ ଅନ୍ୟ ରାଜ୍ୟକୁ ବିଦ୍ୟୁତ୍ ବିକ୍ରୟ କରୁଛି। ଦୀର୍ଘ ୨୫ ବର୍ଷ ଧରି ବିଦ୍ୟୁତ୍ କ୍ଷେତ୍ରରେ ସଂସ୍କାର ଚାଲିଥିବା ବେଳେ ସେଥିରୁ କୌଣସି ସୁଫଳ ମିଳିଲା ନାହିଁ। ବିଦ୍ୟୁତ୍ ବାବଦରେ ବିଭିନ୍ନ ଶିଳ୍ପପତିଙ୍କୁ ହଜାର ହଜାର କୋଟି ଟଙ୍କା ଛାଡ କରା ଯାଇଛି। କିନ୍ତୁ ଗରିବ ଉପଭୋକ୍ତାଙ୍କୁ ଶୋଷଣ କରାଯାଉଛି। ଅପରପକ୍ଷରେ ଦିଲ୍ଲୀ ବିଦ୍ୟୁତ୍ ଉତ୍ପାଦନ ନକରି ମଧ, ବାହାର ରାଜ୍ୟରୁ କିଣି ନିଜ ଗ୍ରାହକମାନଙ୍କୁ ବିଦ୍ୟୁତ୍ ଦେୟରେ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ପୁରା ଛାଡ ଓ ୪୦୦ ୟୁନିଟ୍ ପର୍ଯ୍ୟନ୍ତ ଅଧା ଛାଡ ଦେଉଛି। ଏହି ସମ୍ମିଳନୀରେ ଆପ୍‌ର ରାଜ୍ୟ ମୁଖପାତ୍ର ସନ୍ଦିପ୍ତ ଦାସ, ସୁବର୍ଣ୍ଣପୁର ଜିଲା ସଭାପତି ଆୟୁଷ୍ମାନ ପୁରୋହିତ, ଜିଲା ସମ୍ପାଦକ ସୁରେଶ କଲତା, ସନ୍ତୋଷ ତାଣ୍ଡି, ପୃଥ୍ୱୀରାଜ ଜଗଦଳା, ଆଇନଜୀବୀ ମନୋଜ ମେହେର, ରୋଷଭ କୁମ୍ଭାର ଓ ବଲାଙ୍ଗୀର ଜିଲା ସଭାପତି ଆଶିଷ ପାଣ୍ଡେ ପ୍ରମୁଖ ଯୋଗ ଦେଇଥିଲେ। ଦିଲ୍ଲୀ ପରେ ପଞ୍ଜାବ ନିର୍ବାଚନରେ ଆପ୍‌ର ସଫଳତା ପରେ ବୁଦ୍ଧିଜୀବୀମାନେ ଏବେ ଆପ୍ ମୁହାଁ ହୋଇଛନ୍ତି। ଏହିକ୍ରମରେ ଅନ୍ୟ ରାଜନୈତିକ ଦଳର କେତେକ ସମର୍ଥକ ଆପ୍ ସମ୍ମିଳନୀରେ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା।




ଜିଲା ସମ୍ମିଳନୀରେ ମଞ୍ଚାସୀନ ଆମ୍ ଆଦ୍‌ମି ପାର୍ଟି ନେତୃବୃନ୍ଦ।

## ୧୫ ଗାଡ଼ି ଜବତ, ୧୨ ମଦ୍ୟପ ଡ୍ରାଇଭର ଗିରଫ



ସୋନପୁର କୁଞ୍ଜ ଛକଠାରେ ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ଯାଞ୍ଚ ପରାଯାଉଛି।

**ସୋନପୁର, ୭।୫(ନି. ପ୍ର )**

**ରାତିରେ ପୋଲିସ, ପରିବହନ ବିଭାଗ ଧରପଗଡ଼**

ରାଜ୍ୟ ପରିବହନ ବିଭାଗର କମିଶନରଙ୍କ ନିର୍ଦ୍ଦେଶ ଓ ଜିଲା ସଡକ ସୁରକ୍ଷା କମିଟି ନିଷ୍ପତ୍ତିକ୍ରମେ ଶୁକ୍ରବାର ରାତିରେ ସୁବର୍ଣ୍ଣପୁର ଜିଲାର ବିଭିନ୍ନ ସ୍ଥାନରେ ପୋଲିସ ଓ ପରିବହନ ବିଭାଗ ତରଫରୁ ମିଳିତ ଭାବେ ଗାଡି ମୋଟର ଯାଞ୍ଚ କରାଯାଇଥିଲା। ବିଶେଷ କରି ମଦ୍ୟପ ଡ୍ରାଇଭରଙ୍କୁ ଠାବ କରିବା ପାଇଁ ଉଦ୍ୟମ ହୋଇଥିଲା। କାର୍ଯ୍ୟାନୁଷ୍ଠାନ ସ୍ୱରୂପ ୧୫ଟି ଗାଡି ଜବତ ହୋଇଥିଲା। ୧୨ଜଣ ମଦ୍ୟପ ଗାଡି ଚାଳକଙ୍କୁ ଗିରଫ କରାଯାଇଛି । ସେହିପରି ୩ଟି ଡ୍ରାଇଭିଙ୍ଗ ଲାଇସେନ୍ସ ଅସ୍ଥାୟୀ ଭାବରେ ବାତିଲ କରାଯାଇଛି । ଚଳିତ ମେ ମାସ ପ୍ରଥମ ସପ୍ତାହରୁ ଜିଲାରେ ଦୁଇଚକିଆ ଯାନରେ ବସିଥିବା ବ୍ୟକ୍ତି ମଧ ହେଲମେଟ ପିନ୍ଧିବା ଜରୁରୀ ବୋଲି ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି। ଏଥିରେ ବ୍ୟତିକ୍ରମ ହେଲେ ଚାଳକଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକ ସୂଚନା ଦେଇଛନ୍ତି। ଦୁର୍ଘଟଣା ସଂଖ୍ୟା ହ୍ରାସ କରିବା ପାଇଁ ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ଗାଡି ମୋଟର ଯାଞ୍ଚକୁ କଡାକ କରାଯାଉଛି। ସେହିପରି ସହରର ଅନଭିଜ୍ଞ ଟ୍ରାକ୍ଟର ଚାଳକଙ୍କ ଉପରେ ବିଭାଗ ତୀକ୍ଷ୍ଣ ନଜର ରଖିଛି। ନିୟମିତ ଯାନବାହାନ ଯାଞ୍ଚ ହିଁ ଦୁର୍ଘଟଣାକୁ ରୋକିବାରେ ସହାୟକ ହେବ ବୋଲି ଆଶାପ୍ରକାଶ ପାଇଛି । ତେବେ ପୋଲିସ ଓ ପରିବହନ ବିଭାଗ ତରଫରୁ ଏଭଳି କାର୍ଯ୍ୟାନୁଷ୍ଠାନ ମଦ୍ୟପ ଗାଡି ଚାଳକଙ୍କ ମଧରେ କୋକୁଆ ଭୟ ସୃଷ୍ଟି କରି।

## ମାହେଶ୍ୱରୀ ଗୋସେବାଶ୍ରମର ପ୍ରତିଷ୍ଠା ଉତ୍ସବ

**ଅମରପାଲି,୭।୫(ଡି.ଏନ.ଏ.)**

ଶଙ୍କରାଚାର୍ଯ୍ୟଙ୍କ ଜୟନ୍ତୀ ଅବସରରେ ସୁବର୍ଣ୍ଣପୁର ଜିଲାର ଘିକୁଣ୍ଡିଠାରେ ଗୋ–ମାହେଶ୍ୱରୀ ସେବା ସମିତି ପକ୍ଷରୁ ମାହେଶ୍ୱରୀ ଗୋ–ସେବାଶ୍ରମ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଗୋପୂଜନ ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୋ–ମାହେଶ୍ୱରୀ ସେବା ସମିତିର ସଂସ୍ଥାପକ ସଦସ୍ୟ ଆଚାର୍ଯ୍ୟ ଆଲୋକ କୁମାର ପଧାନ ଭାରତୀୟ ଦେଶୀ ଗୋବଂଶର ସୁରକ୍ଷା, ସମ୍ବର୍ଦ୍ଧନ, ସଂପୋଷଣ ଓ ସେବା ସହିତ ଭାରତୀୟ ଗୋସଂସ୍କୃତିର ପୁନରୁଦ୍ଧାର ଏହି ସେବାଶ୍ରମ ପ୍ରତିଷ୍ଠାର ମୂଳ ଉଦ୍ଦେଶ୍ୟ ବୋଲି ସୂଚନା ଦେଇଥିଲେ। ମଧୁସୂଦନ ମହାକୁର, ପର୍ଶୁ ମହାକୁର, କହ୍ନେଇ ମେହେର, କରୁଣାକର ବେହେରା, ସୁବଳ କମ୍ପ, ଉତ୍ତମ ଦାସ, ସତ୍ୟ ଦାସ, ଆକାଶ ବିଶାଳ ପ୍ରମୁଖ ୫୦ଜଣ ଗୋଭକ୍ତ ଏଥିରେ ଯୋଗ ଦେଇଥିଲେ। ଏହି ଅବସରରେ ଜନଜାଗରଣ ମାଧମରେ ଗୋଚାଲାଣ ଓ ଗୋହତ୍ୟାକୁ ରୋକିବା, ଗୋବିଜ୍ଞାନର ପ୍ରସାର ତଥା ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ, ସଂସ୍କାର ସମ୍ବନ୍ଧରେ ମଧ ଆଲୋଚନା କରାଯାଇଥିଲା।

## ଏସ୍‌ପିଙ୍କୁ ଭେଟିଲା ଅଭିଭାବକ ସଂଘ

**ବରଗଡ଼ ଅଫିସ୍,୭।୫**

ବରଗଡ଼ ଅଭିଭାବକ ମହାସଂଘର ଏକ ପ୍ରତିନିଧି ଦଳ ଶନିବାର ଏସ୍‌ପି ପରମାର ସ୍ମିତ ପୁରୁଷୋତ୍ତମ ଦାଶଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଅବାଧ ନିଶା କାରବାରର କୁପ୍ରଭାବ କୋମଳମତି ଛାତ୍ରୀଛାତ୍ରଙ୍କ ଉପରେ ପଡୁଛି। ତେଣୁ ଜିଲାରେ ଅବାଧରେ ଚାଲିଥିବା ନିଶା କାରବାର ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ସେହିପରି ଜିଲାରେ ବଢ଼ି ଚାଲିଥିବା ଅପରାଧ ନିୟନ୍ତ୍ରଣ, ଟ୍ରାଫିକ୍ ସମସ୍ୟାର ସମାଧାନ, ନିୟମିତ ବ୍ୟବଧାନରେ ବରଗଡ଼ର ନାଗରିକମାନଙ୍କୁ ଡାକି ବୈଠକ କରିବା ଏବଂ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକର ଶିକ୍ଷା ପଦ୍ଧତି, ଆବାସିକ ବ୍ୟବସ୍ଥା ଉପରେ ନଜର ରଖିବାକୁ ଦାବି ହୋଇଛି। ସଂଘର ଜିଲା ଆବାହକ ବିମଳ କୁମାର ଦାଶ, ସାଧାରଣ ସମ୍ପାଦକ ସୁଜିତ ମିଶ୍ର, ରଞ୍ଜିତ ଦାଶ, ବାଲ୍ମିକୀ ଷଡ଼ଙ୍ଗୀ, ଶିବାନନ୍ଦ ମଟାରୀ, ସୁରଶେନ ବହିଦାର ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।



ଏସ୍‌ପିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

## ମଣ୍ଡି ନାହିଁ, ବେପାରୀଙ୍କୁ ବିକୁଛନ୍ତି ଚାଷୀ

**ବିନିକା,୭।୫(ଡି.ଏନ୍.ଏ.)**

**ଶୋଷଣର ଶିକାର ବିନିକା ଅଞ୍ଚଳର ବାଦାମ ଚାଷୀ**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାବୁପାଲି, ବାଙ୍କିଘିର୍ଡି ଓ ସିନ୍ଦୁରପୁର ପଞ୍ଚାୟତରେ ୭୦ଭାଗ ବାଦାମ ଫସଲ ଅମଳ ସାରିଛନ୍ତି ଚାଷୀ । ମାତ୍ର ବିନିକା ଅଞ୍ଚଳର କୌଣସି ସରକାରୀ ମଣ୍ଡିରେ ଚାଷୀଙ୍କ ଅମଳ ବାଦାମ କିଣା ଯାଉନାହିଁ । ଏପଟେ କାଳବୈଶାଖୀ ବର୍ଷା ଡରରେ ଚାଷୀମାନେ ଅମଳ ବାଦାମକୁ କୁଇଣ୍ଟାଲ ପିଛା ୪ରୁ ୫ହଜାର ଟଙ୍କାରେ ବ୍ୟବସାୟୀଙ୍କ ହାତରେ ଟେକି ଦେବାକୁ ବାଧ ହେଉଛନ୍ତି। ଏପରିକି କେତେକ ସ୍ଥାନରେ ବ୍ୟବସାୟୀ ନିକୃଷ୍ଟ ବାଦାମ ଦର୍ଶାଇ ଢେରକମ୍ ମୂଲ୍ୟରେ ଚାଷୀଙ୍କ ପାଖରୁ କିଣି ନେଉଛନ୍ତି। ଏପରିସ୍ଥିଳେ କୁଇଣ୍ଟାଲ ପିଛା ୭ହଜାର ଟଙ୍କାରେ ବିହନ କିଣି ବାଦାମ ଫସଲ କରିଥିବା ଚାଷୀ ଧାରକରଜ କରି ଯେଉଁ ଫସଲ ଉଠିଆ କରିଥିଲା ସେଥିରୁ ଲାଭ ପାଇବା ଆଶା ଉଣା ହୋଇଯାଇଛି। ଦେଣ୍ଡୁପଦର ଗାଁର ଚାଷୀ ରମେଶ କାଣ୍ଡ ଓ ସୁଶାନ୍ତ ଥପା କୁହନ୍ତି, ବିହନ କିଣା ପରେ ଜମି ପ୍ରସ୍ତୁତି, ସାର ପ୍ରୟୋଗ ସହ ଫସଲ ଉଠିଆ କରିବାରେ ଏକର ପିଛା ପ୍ରାୟ ୪ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ହେଲେ ଅମଳ ପରେ ବିକ୍ରି ବେଳକୁ ହୀନସ୍ଥା ହେବାକୁ ପଡୁଛି। କୌଣସି ସରକାରୀ ମଣ୍ଡି ବାଦାମ କିଣିବାକୁ ନାରାଜ। ସରକାରୀ ଧାର୍ଯ୍ୟ ଦର ୭ହଜାର ଟଙ୍କା ଥିବାବେଳେ ବ୍ୟବସାୟୀ ଧାର୍ଯ୍ୟ କରିଥିବା ଦର ଅନୁସାରେ ବିକ୍ରି କରିବାକୁ ବାଧ ହେଉଛୁ । ଏଣୁ ଅବିଳମ୍ବେ ସରକାର ଏଠାରେ ବାଦାମ ମଣ୍ଡି ଖୋଲିବା ଜରୁରୀ ବୋଲି ସେ କହିଛନ୍ତି। ଏନେଇ ବିନିକା କୃଷି ଅଧିକାରୀ ରକେଶ ରଞ୍ଜନ ମଲ୍ଲିକଙ୍କୁ ପଚାରିବାରୁ ଜିଲାରେ ବାଦାମ ଚାଷ ସରକାରଙ୍କ ନିର୍ଦ୍ଧାରିତ ଟାର୍ଗେଟ ଅନୁସାରେ ହେଉନାହିଁ । ବିନିକା ବ୍ଲକ ଅଞ୍ଚଳର ୩ରୁ ୪ଟି ପଞ୍ଚାୟତରେ ବାଦାମ ଚାଷ ହେଉଛି। ତଥାପି ବ୍ଲକରେ ବାଦାମ ଚାଷ କିଭଳି ଅଧିକଭାବରେ ହେବ ଓ ଚାଷୀ ଉଚିତ୍ ମୂଲ୍ୟ ପାଇବ ସେ ବିଷୟରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବି। ଯେଉଁ ବ୍ୟବସାୟୀ ସରକାରୀ ନିର୍ଦ୍ଧାରିତ ଦରଠାରୁ କମ୍ ଦରରେ ଚାଷୀଙ୍କଠାରୁ ବାଦାମ କିଣିବେ ନିର୍ଦ୍ଦିଷ୍ଟଭାବେ ଅଭିଯୋଗ କଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।



ଦେଣ୍ଡପଦର ଗାଁର ଜଣେ ମହିଳା ଚାଷୀ ବାଦାମ ସଂଗ୍ରହ କରୁଛନ୍ତି।